ବର୍ଷ-୨୪, ସଂଖ୍ୟା-୩୦୭
ଭୁବନେଶ୍ୱର
୧୧ ଡିସେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 307
Bhubaneswar
11 December, 2024 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବିବାହ ପରେ ଖୁସି ବ୍ୟକ୍ତ କଲେ ଶୋଭିତା



# ଭୁବନେଶ୍ୱର ପାଇଁ ବିସ୍ତୃତ ଯୋଜନା



**ଭୁବନେଶ୍ୱର,୧୦।୧୨(ମହାଭାରତ):** ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ଗାଡି ଚଳାଚଳ ଓ ଟ୍ରାଫିକ ବ୍ୟବସ୍ଥାକୁ ଉପଯୋଗୀ ଓ ସହଜ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏ ନେଇ ଭୁବନେଶ୍ୱର ପାଇଁ ବିସ୍ତୃତ ଯୋଜନା କରାଯାଇଛି।

ଭୁବନେଶ୍ୱର ସହରର ଗାଡି ଚଳାଚଳ ଓ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ପୂର୍ତ୍ତ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ପାଇଁ ବିଭିନ୍ନ ସଡ଼କ ପ୍ରକଳ୍ପ ଯୋଜନା ଉପରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉପସ୍ଥାପନ ରଖା ଯାଇଥିଲା। ଏହି ଉପସ୍ଥାପନାରେ ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ନୂତନ ରାସ୍ତା, ଦୟା ୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେସନ ଛକ ଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଙ୍ଗରୋଡ, ସୁନ୍ଦରପଦା-ଜଟଣୀ ରାସ୍ତାର ଉନ୍ନତିକରଣ, ପିତାପଲ୍ଲୀ-ତ୍ରିଶୂଳିଆ ରାସ୍ତାର ଇନ୍‌ଷ୍ଟିଚ୍ୟୁଟ ଅଫ ମାଥମେଟିକ୍ସ ଠାରୁ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତା, କଳ୍ପନା ଛକ-ମ୍ୟୁଜିଅମ-ରବି ଟକିଜ ନୂତନ ଫ୍ଲାଇ ଓଭର, ଶିଶୁଭବନ-ମାଉସୀମା ମଧ୍ୟରେ ଆଉ ଏକ ଆରଓବି, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗର ପକ୍ଷରୁ ପ୍ରସ୍ତାବିତ ତଥ୍ୟ ଉପସ୍ଥାପନ କରାଯାଇଥିଲା ।

ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ରିଜିଅନ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସଂପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା।

ଏହି ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ଶ୍ରୀମତୀ ପ୍ରଭାତୀ ପରିଡା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଅହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ■ ଚିନ୍ତା ବଢାଇଛି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା

## ■ ଏକାଧିକ ସଡ଼କ, ଫ୍ଲାଇଓଭର, ରେଲ୍ ଓଭର ବ୍ରିଜ ଓ ରିଙ୍ଗ ରୋଡ ନିର୍ମାଣ ପାଇଁ ଯୋଜନା

# ଚାଲିବ ଡବଲ୍ ଡେକର୍ ବସ୍

**ଭୁବନେଶ୍ୱର,୧୦।୧୨(ମହାଭାରତ) :** ଖୁବଶୀଘ୍ର ଓଡ଼ିଶାରେ ଗଡ଼ିବ ଦୁଇ ଥାକିଆ ବସ୍। କ୍ୟାପିଟାଲ୍ ରିଜିଅନ୍ ସହରୀ ପରିବହନ (କ୍ରୁଟ୍) ପକ୍ଷରୁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ଖୋର୍ଦ୍ଧା, ପୁରୀ, କଟକ ଜିଲା ପାଇଁ ଏହି ଯୋଜନା କରାଯାଇଛି। ଏହି ଦୁଇ ଥାକିଆ ବସ୍ ଗୁଡ଼ିକ ଇଲେକ୍ଟ୍ରିକ୍ ହୋଇଥିବାରୁ ପ୍ରଦୂଷଣ ଉପରେ ମଧ୍ୟ ନିୟନ୍ତ୍ରଣ ରହିବ।୧୦+୨ ବର୍ଷ ପାଇଁ ଗ୍ରସ କଷ୍ଟ କଣ୍ଟ୍ରାକ୍ଟ (ଜିସିସି) ମଡେଲ ଅଧୀନରେ ଡବଲ-ଡେକର ଇଲେକ୍ଟ୍ରିକ୍ ବସ୍ ଯୋଗାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବସ୍ ଅପରେଟର ଚୟନ ପାଇଁ କ୍ରୁଟ୍ କୁ ଏକ ଟେଣ୍ଡର ଡକାଯାଇଛି ।ଏହି ୧୦ ବର୍ଷିଆ ଚୁକ୍ତିରେ ସପ୍ଲାଏ, ଅପରେସନ୍, ମେଣ୍ଟେନାନ୍ସ ଓ କର୍ମଚାରୀ ସଂପୃକ୍ତ ସଂସ୍ଥା ଯୋଗାଇବ। ବସ୍ ଗୁଡିକର କାର୍ଯ୍ୟଦକ୍ଷତା ଏବଂ ସ୍ଥିତିକୁ ଆଧାର କରି ଚୁକ୍ତିନାମା ଅବଧି ଅତିରିକ୍ତ ୨ ବର୍ଷ ବୃଦ୍ଧି କରିବାର ଅଧିକାର ଅଛି। ରାଜ୍ୟ ମଧ୍ୟରେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବସ୍ ନିୟୋଜିତ କରିବାକୁ କର୍ତ୍ତୃପକ୍ଷ ଚାହୁଁଛନ୍ତି ବୋଲି ଟେଣ୍ଡର ଡକ୍ୟୁମେଣ୍ଟରେ କୁହାଯାଇଛି।



# କେନ୍ଦ୍ରୀୟ ଡେପୁଟେସନରେ ଆଉ ୩ ଆଇପିଏସ

ଭୁବନେଶ୍ୱର,୧୦।୧୨(ମହାଭାରତ): କେନ୍ଦ୍ରୀୟ ଡେପୁଟେସନରେ ଯିବେ ରାଜ୍ୟର ଆଉ ୩ ଆଇପିଏସ୍ ଅଧିକାରୀ। ସେମାନେ ହେଲେ ଅସିତ ପାଣିଗ୍ରାହୀ, ଅମିତାଭ ଠାକୁର, ରାଜେଶ କୁମାର। ନିକଟରେ ଆଶିଷ ସିଂ ଓ ଡି.ଏସ୍ କୁଟେ ଡେପୁଟେସନରେ ଯାଇଛନ୍ତି।


ସରକାରୀ ସୂତ୍ର ଅନୁଯାୟୀ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଅକ୍ଟୋବର ୧୧ ରେ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ ଭାବରେ ନିଯୁକ୍ତ ହେବା ନେଇ ୧୯୯୭ ବ୍ୟାଚ୍ ଅଧିକାରୀ ଅସିତ ପାଣିଗ୍ରାହୀ, ଅମିତାଭ ଠାକୁର ଏବଂ ୧୯୯୮ ବ୍ୟାଚର ରାଜେଶ କୁମାରଙ୍କ ଭିଜିଲାନ୍ସ ସ୍ଥିତି ସମ୍ପର୍କରେ ସୂଚନା ମାଗିଥିଲେ। ଏହି ୩ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ କୌଣସି ଅପରାଧିକ, ଏଚଆରପିସି ସମ୍ବନ୍ଧୀୟ ତଥା ଭିଜିଲାନ୍ସ ମାମଲା କିମ୍ବା ତଦନ୍ତ ବିଚାରାଧୀନ ନାହିଁ ବୋଲି ରାଜ୍ୟ ଏକ ଚିଠି ପଠାଇଛି। ପାଣିଗ୍ରହୀ ବର୍ତ୍ତମାନ ଏଡିଜପି, ଭିଜିଲାନ୍ସ, ଠାକୁର ପରିବହନ କମିଶନର ଭାବରେ କାର୍ଯ୍ୟ କରୁଛନ୍ତି ଏବଂ କୁମାର ଏଡିଜିପି, ଏସ୍‌ଏପି ଭାବରେ କାର୍ଯ୍ୟ କରୁଛନ୍ତି।

# ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ

**ଭୁବନେଶ୍ୱର,୧୦।୧୧(ମହାଭାରତ):** ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ରାଜ୍ୟସଭା ଆସନ ସୁଜିତ କୁମାର ପୂରଣ କରିବେ। ପ୍ରାର୍ଥୀପତ୍ର ଦାଖଲ ପାଇଁ ଆଜି ସମୟ ଶେଷ ହେଲା ପରେ ଏହା ଜଣାପଡ଼ିଛି। ସୁଜିତ କୁମାରଙ୍କ ବିରୋଧରେ କେଣସି ଦଳ ପ୍ରାର୍ଥୀପତ୍ର ଦାଖଲ କରି ନଥିବା ନେଇ ଓଡ଼ିଶା ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାର୍ଥୀପତ୍ରରେ କେଣସି ତ୍ରୁଟି ନଥିଲେ ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭା ଯିବେ। ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାର ଗତକାଲି ବିଜେପି ପକ୍ଷରୁ ନାମାଙ୍କନପତ୍ର ଦାଖଲ କରିଥିଲେ। ବିଜେପି କେନ୍ଦ୍ରୀୟ ସଂସଦୀୟ ବୋର୍ଡ ପକ୍ଷରୁ ସୁଜିତ କୁମାରଙ୍କୁ ରାଜ୍ୟସଭା ଉପନିର୍ବାଚନରେ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ଶ୍ରୀ କୁମାର ବିଧାନସଭା ପରିସରକୁ ଯାଇ ତାଙ୍କର ନାମାଙ୍କନ ଦାଖଲ କରିଥିଲେ। ରାଜ୍ୟସଭା ଉପନିର୍ବାଚନରେ ଏକାଧିକ ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନଥିବାରୁ ସୁଜିତ କୁମାର ରାଜ୍ୟସଭାକୁ ଯିବାର ସୁନିଶ୍ଚିତ ହୋଇଛି ।ଯଦି ନାମାଙ୍କନପତ୍ରରେ କେଣସି ତ୍ରୁଟି ନଥାଏ ତେବେ ସୁଜିତ କୁମାର ପୁଣି ରାଜ୍ୟସଭା ଯିବା ଏକପ୍ରକାରର ନିଶ୍ଚିତ।

# ୧୭ରୁ ରତ୍ନଭଣ୍ଡାର ମରାମତି


ଭୁବନେଶ୍ୱର,୧୦।୧୨(**ମହାଭାରତ**): ଆସନ୍ତା ୧୭ ତାରିଖରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବ । ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏନେଇ ସୂଚନା ଦେଇଛନ୍ତି ।



ସେ କହିଛନ୍ତି ଯେ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଆରମ୍ଭ ହେବ ମରାମତି କାମ । ଏଥିପାଇଁ ଦ୍ୱାର ଫିଟା ନୀତି ରାତି ୨ଟାରୁ ଆରମ୍ଭ ହେବ । ଦିନ ଗୋଟାଏରୁ ସଂଧ୍ୟା ୫ଟା/୬ଟା ଯାଏଁ କାମ ଚାଲିବ । ସେହିପରି ଶନିବାର, ରବିବାର ଓ ବିଶେଷ ଦିନରେ ମରାମତି ନ କରିବାକୁ ପରାମର୍ଶ ଦିଆଯାଇଛି । ଦ୍ୱିତୀୟ ଭୋଗ ମଣ୍ଡପ ପରେ ଦିନ ୧ଟାରୁ ସଂଧ୍ୟା ୫/୬ଟା ଯାଏଁ ମରାମତି କାମ ହେବ । ମରାମତି ଦିନ ମାନଙ୍କରେ ବାହାର କାଠ ନିକଟରୁ ଦର୍ଶନ କରିବେ ଭକ୍ତ । ମରାମତି କାମ ୩ ମାସ ମଧ୍ୟରେ ସାରିବାକୁ ଏଏସଆଇ କହିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି ।

# ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଚଳିତ ଶୀତକାଳୀନ ଅଧିବେଶନକୁ ନେଇ ଜାତୀୟ ରାଜନୀତି ଜୋର ଧରିଛି। ସ୍ଥିତି ଏପରି ହୋଇଛି ଯେ, ବିରୋଧୀ ମେଣ୍ଟ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକରଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ବିରୋଧୀ ଇଣ୍ଡିଆ ମେଣ୍ଟ ଧନକରଙ୍କୁ କେବଳ ତାଙ୍କୁ ଅଧ୍ୟକ୍ଷ ପଦରୁ ନୁହେଁ ଉପ ରାଷ୍ଟ୍ରପତି ପଦରୁ ମଧ୍ୟ ହଟାଇବାକୁ ବଡ଼ ପ୍ଲାନ କରୁଛନ୍ତି। ତେବେ ବିଜେଡି ଏକ୍ଷେତ୍ରରେ କିଛି ବଡ଼ ଗେମ୍ ଖେଳିପାରେ ବୋଲି ଆଲୋଚନା ହେଉଛି। କାରଣ ବିଜେଡି ପାଖରେ ଏବେ ରାଜ୍ୟ ସଭାରେ ୭ଜଣ ସଦସ୍ୟ ଅଛନ୍ତି।



ତେବେ ଏହାକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ତୀବ୍ର ବିରୋଧ କରିଛନ୍ତି। ଏଥିସହ ରାଜ୍ୟସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ପାଇଁ ଆବଶ୍ୟକ ସଂଖ୍ୟା ରହିଥିବା ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ରିଜିଜୁ କହିଛନ୍ତି, କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ନିୟମିତ ଭାବେ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକୁ ପାଳନ ନ କରି ଭୁଲ କରିବାରେ ଲାଗିଛନ୍ତି ଉପ ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗୋଟିଏ ନମ୍ରପୃଷ୍ଠ ଭୂମିରୁ ଆସିଛନ୍ତି। ସେ ସବୁବେଳେ ଚାଷୀ ଓ ଲୋକଙ୍କ କଲ୍ୟାଣ ପାଇଁ କାମ କରିଛନ୍ତି ଆମେ ତାଙ୍କୁ ସମ୍ମାନ କରୁ।

କଂଗ୍ରେସ ନେତା ଜୟରାମ ରମେଶ ଆଜି ଏନେଇ ସୂଚନା ଦେଇ କହିଛନ୍ତି ଯେ, ଏହି ପ୍ରସ୍ତାବ ଏବେ ରାଜ୍ୟସଭାର ମହାସଚିବଙ୍କୁ ପ୍ରଦାନ କରାଯାଇଛି। ଜୟରାମ ରମେଶ କହିଛନ୍ତି ଯେ, ଆଇଏନଡିଆଇ ମେଂଟର ସମସ୍ତ ଦଳ ନିକଟରେ ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ଆମେ ଔପଚାରିକ ଭାବେ ରାଜ୍ୟସଭା ସଭାପତିଙ୍କ ବିରୁଦ୍ଧରେ ଅତ୍ୟଧିକ ପକ୍ଷପାତ ଭାବେ ଉଚ୍ଚ ସଦନକୁ ସଂଚାଳିକ କରୁଥିବାରୁ ଏହି ପ୍ରସ୍ତାବ ଆଣିଛୁ। ମେଂଟ ପାଇଁ ଏହା ଅତ୍ୟନ୍ତ କଷ୍ଟଦାୟକ ନିଷ୍ପତି ଥିଲା । କିନ୍ତୁ ସଂସଦୀୟ ଗଣତନ୍ତ୍ରର ହିତ ପାଇଁ ବମକୁ ଏହି ପଦକ୍ଷେପ ନେବାକୁ ପଡିଲା ।

ତେବେ ଏହି ନୋଟିସରେ ରାଜ୍ୟ ସଭାର ସବୁ ବିରୋଧୀ ଦଳ ୭୦ଜଣ ଏମପିଙ୍କ ଦସ୍ତଖତ ରହିଛି। ଯେଉଁଥିରେ କଂଗ୍ରେସ, ତ୍ରୁଣମୂଳ କଂଗ୍ରେସ, ଆମ ଅଦେମୀ ପାର୍ଟି, ସମାଜବାଦୀ ପାର୍ଟିଏବଂ ଅନ୍ୟାନ୍ୟ ଛୋଟ ଦଳ ମଧ୍ୟ ଏହି ପ୍ରସଙ୍ଗରେ ଏକଜୁଟ ହୋଇଛନ୍ତି। କିନ୍ତୁ ବିରୋଧୀଙ୍କ ଏହି ରଣନୀତି ଫେଲ୍ ମାରିପାରେ ବୋଲି କୁହାଯାଉଛି। କାରଣ ରାଜ୍ୟ ସଭାରେ କେବଳ ଏନଡିଏର ୧୧୫ରୁ ଅଧିକ ଏମପି ଅଛନ୍ତି। ଏଭଳି ପରିସ୍ଥିତିରେ ବିରୋଧୀ କେତେ ସଫଳ ହେବେ ତାକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ବିଭିନ୍ନ ଆକଳନ କରୁଛନ୍ତି।

# ଜାନୁଆରୀରେ ଓଡ଼ିଶା ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

**ଭୁବନେଶ୍ୱର,୧୦।୧୨(ମହାଭାରତ):** ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶାର ପାର୍ଟନର ହେବ ସିଙ୍ଗାପୁର। ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସନଗୁମରତ୍ନମ ଆସନ୍ତା ବର୍ଷ ଜାନୁଆରୀରେ ଓଡ଼ିଶା ଆସିବେ। ରାଷ୍ଟ୍ରପତି ଶ୍ରୀ ସନଗୁମରତ୍ନମଙ୍କ ଓଡ଼ିଶା ଗସ୍ତ ନେଇ ସିଙ୍ଗାପୁର ହାଇକମିସନର ସିମୋନ୍ ୱଙ୍ଗ୍ ଆଜି ଲୋକସେବା ଭବନରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ୱଙ୍ଗ୍ କହିଛନ୍ତି ଯେ, ଭାରତ ଗସ୍ତ ଅବସରରେ ରାଷ୍ଟ୍ରପତି ସନଗୁମରତ୍ନମ ଓଡ଼ିଶା ଗସ୍ତରେ ଆସିବେ। ସିଙ୍ଗାପୁର ଓ ଭାରତର ୬୦ ବର୍ଷ କୁଟନେତିକ ସଂପର୍କ ଅବସରରେ ଏହି ଗସ୍ତ ହେଉଛି।

## ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶାରେ ଯୋଗଦେବେ



ସିଙ୍ଗାପୁର ହାଇକମିସନର ସିମୋନ୍ ୱଙ୍ଗ୍ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତି ଆସନ୍ତା ଜାନୁଆରି ୨୮ ତାରିଖ ଠାରୁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ଦୁଇଦିନିଆ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା-୨୦୨୫ରେ ଯୋଗଦେବେ। ପେଟ୍ରୋକେମିକାଲ୍ସ, ଗ୍ରୀନ ଏନାର୍ଜି, ସହରାଞ୍ଚଳ ଯୋଜନା ଓ ଦକ୍ଷତା ବିକାଶ ପ୍ରକଳ୍ପ ଉପରେ କାମ ହେବ। ସିଙ୍ଗାପୁରର ଜୁରଙ୍ଗ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ଓ ଟୁଆସ ବନ୍ଦର ମଡେଲରେ ପାରାଦୀପ ବନ୍ଦରର ବିକାଶ କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାରୁ ରାଷ୍ଟ୍ରପତି ଶ୍ରୀ ସନଗୁମରତ୍ନମଙ୍କ ଓଡ଼ିଶା ଗସ୍ତ ବେଶ୍ ଗୁରୁତ୍ୱ ରଖୁଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ଗତ ନଭେମ୍ବରରେ ସିଙ୍ଗାପୁର ଗସ୍ତ କରିଥିଲେ। ଏହି ଗସ୍ତକାଳରେ ସେ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍ନଙ୍କ ସହ ସାକ୍ଷାତ ବେଳେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିଥିଲେ। ଗସ୍ତର ଶେଷ ଦିନରେ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ଆଲୋଚନା କରି ସେମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ କହିଛନ୍ତି। ଏଥି ସହିତ ସେ ସିଙ୍ଗାପୁରରେ ପ୍ରବାସୀ ଓଡ଼ିଆଙ୍କୁ ଭେଟି ରାଜ୍ୟର ବିକାଶ ବିଷୟରେ ଆଲୋଚନା କରିବା ସହ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ବିଶ୍ୱସ୍ତରରେ ଉପସ୍ଥିତିକୁ ସୁଦୃଢ କରିବା ଲାଗି ପ୍ରବାସୀ ଓଡ଼ିଆଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୪୦୦ରୁ ଅଧିକ ପ୍ରବାସୀ ଓଡ଼ିଆ। ଯୋଗ ଦେଇଥିଲେ।

# କାନାଡ଼ା ଓ ଆମେରିକାରୁ ଆସିଥିଲା ଆତଙ୍କୀ ଧମକ୍


**ଭୁବନେଶ୍ୱର, ୧୦।୧୨ (ମହାଭାରତ) :** ଗତମାସ ୨୯ ତାରିଖ ଠାରୁ ଡିସେମ୍ବର ୧ ତାରିଖ ଯାଏଁ ଆୟୋଜିତ ୩ଦିନିଆ। ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକମାନଙ୍କର ୫୯ତମ ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ଓ ସମ୍ମିଳନୀ ସମୟରେ ଧମକପୂର୍ଣ୍ଣ ମେଲ ଆସିଥିଲା। ଏହି ଧମକପୂର୍ଣ୍ଣ ମେଲ୍ କାନାଡା ଓ ଆମେରିକାରୁ ଆସିଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରାଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଆଇପି ଆଡ୍ରେସ୍ ଯାଞ୍ଚ୍ ବେଳେ ଜଣାପଡ଼ିଛି ଯେ, ଅଡିଓ ରେକର୍ଡ ମଧ୍ୟ ଦେଶ ବାହାରୁ ଆସିଛି ଏହାକୁ ଇଣ୍ଟରନେଟ୍ ଆପ ଜରିଆରେ ପ୍ରସ୍ତୁତ କରାଯାଇଥିଲା। ପୁଲିସ ଡିଜି/ଆଇଜି ସମ୍ମିଳନୀ ବେଳେ ଆସିଥିବା ଆତଙ୍କୀ ମେଲ୍ ଯାଞ୍ଚ୍ ଦାଇତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ଧମକପୂର୍ଣ୍ଣ ମେଲ୍ ଓ ଅଡିଓ ରେକର୍ଡ ଆସିବାରେ ଓଡ଼ିଶାର କାହାର ଲିଙ୍କ ନାହିଁ ବୋଲି ଏବେ ସ୍ପଷ୍ଟ ହୋଇଛି।

# ୫ବର୍ଷରେ ମରିଛନ୍ତି ୪୦୩ ହାତୀ

**ଭୁବନେଶ୍ୱର,୧୦।୧୨(ମହାଭାରତ):** ବିଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ମୋଟ ୪୦୩ଟି ହାତୀଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୧୪-୧୫ରୁ ୨୦୨୪-୨୫(ଡିସେମ୍ବର ୨ତାରିଖ ସୁଦ୍ଧା) ମୋଟ ୮୫୭ଟିହାତୀଙ୍କ ବିଭିନ୍ନ କାରଣରୁ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଯାହାକି ରାଜ୍ୟରେ ହାତୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ କହିଛନ୍ତି ଯେ, ୨୦୧୯-୨୦ରୁ ୨୦୨୩-୨୪ ମସିହା ମଧ୍ୟରେ ମୋଟ ୪୦୩ଟି ହାତୀ ପ୍ରାଣ ହରାଇଛନ୍ତି ।

# ୩ ଜଣଙ୍କୁ ଚାପିଦେଲା ବସ୍

**ଢେଙ୍କାନାଳ,୧୦।୧୨(ମହାଭାରତ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଖଇରାମୁଣ୍ଡା ଗାଁ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବସ ଧକ୍କାରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ଅନ୍ତର୍ଗତ ନାଉପାଳକାଟେଣୀ ଗାଁର ସାଗର



ପ୍ରଧାନ, ପିନୁ ସାହୁ ଏବଂ ସୁମନ୍ତ ପରିଡା। ଖଇରାମୁଣ୍ଡା ଗାଁରେ ଜଣେ ବ୍ୟକ୍ତିଙ୍କର ଛାତ ପଡ଼ିଥାନ୍ତା। ଏଥିପାଇଁ ୩ ଜଣ ଏକ ବାଇକ୍ ଯୋଗେ ରଡ଼ ବାଇଣ୍ଡିଙ୍ଗ କରିବା ପାଇଁ ଖଇରାମୁଣ୍ଡା ଗାଁକୁ ଯାଉଥିଲେ। ଏହି ସମୟରେ ଭୋଳାନାଥ ନାମକ ଯାତ୍ରୀବାହୀ ବସଟି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଥିବା ବେଳେ ପିନୁ ଏବଂ ସୁମନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲାୟ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି।

# ଆସିକା ଚିନି ଶିଳ୍ପ ପାଇଁ ଟାସ୍କ ଫୋର୍ସ



**ଭୁବନେଶ୍ୱର,୧୦।୧୨(ମହାଭାରତ):** ଆସିକା ଚିନି କଳର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କ ଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ମାନେ ସଦସ୍ୟ ଭାବେ ରହିବେ। ଆଜି ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ନିମନ୍ତେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଚିନି କଳ ଏକ ପୁରାତନ ଚିନି କଳ। ଏହା ଉପରେ ଅନେକ ଚାଷୀ ନିର୍ଭର କରନ୍ତି। ତେଣୁ, ଏହାର ଉନ୍ନତିକରଣ ଓ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଏହି ଟାସ୍କ ଫୋର୍ସ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟଗୁଡିକୁ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବା ପରେ ଏହାର ରିପୋର୍ଟ ଆଧାରରେ ଚିନି କଳର ପୁନରୁଦ୍ଧାର କରାଯିବ।

ଆସିକା ସମବାୟ ଚିନି କଳ ୧୯୫୬ ମସିହାରେ ସ୍ଥାପିତ ହୋଇଥିଲା। ୧୯୬୩ରେ ଏଠାରେ ଚିନି ଉତ୍ପାଦନ ଆରମ୍ଭ ହୋଇଥିଲା। ପରେ ଏହାର କ୍ଷମତା ବୃଦ୍ଧି ହୋଇ ଚିନି ସହ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ଉତ୍ପାଦନ କରାଯାଉଛି। ତେବେ ବର୍ତ୍ତମାନ ଏହା ଲାଭଜନକ ସ୍ଥିତିରେ ନାହିଁ। ତେଣୁ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପାଇଁ ନୂଆ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତ କରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଅବକାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ହସ୍ତ ତନ୍ତ, ବୟନ, ହସ୍ତ ଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟକ ସରୋଜ କୁମାର ପାଢୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ, କୃଷି, ସମବାୟ ତଥା ଅବକାରୀ ବିଭାଗ ସଚିବ ଏବଂ ଗଞ୍ଜାମ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଓଡ଼ିଶାରେ ଜଳମାର୍ଗର ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦।୧୨ (ପିଆଇବି):** ଓଡ଼ିଶାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବନ୍ଦର, ନଦୀ ଜଳମାର୍ଗ ସମୂହର ବିକାଶ ପାଇଁ କ୍ରିୟାନ୍ୱୟନ ହେଉଥିବା ପ୍ରକଳ୍ପ ଏବଂ ଆଗାମୀ ଦିନର ଯୋଜନା ସମ୍ପର୍କରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ବିଜେପି ସାଂସଦମାନେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି।

ଏ ସମ୍ପର୍କରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ ପୂର୍ବୋଦୟ ମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଓଡ଼ିଶାର ସାମଗ୍ରିକ ବିକାଶ ବିଶେଷ ଭାବରେ ପାରାଦୀପ ବନ୍ଦରକୁ ଅତ୍ୟାଧୁନିକ ବନ୍ଦରରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର। ଆଜିର ବୈଠକରେ ଓଡ଼ିଶାରେ ବନ୍ଦର ଗୁଡିକର ତ୍ୱରିତ ବିକାଶ ପାଇଁ ଆଲୋଚନା ହୋଇଛି। ସେହିପରି ପୁରୀରେ କ୍ରୁଜ ଟର୍ମିନାଲର ନିର୍ମାଣ, ମତ୍ସ୍ୟ ବିଭାଗ ସହ ମିଶି ରାଜ୍ୟ ଓ ଦେଶ ବାହାରକୁ ସାମୁଦ୍ରିକ ସାମଗ୍ରୀର ରପ୍ତାନୀ କରିବା ତଥା ମତ୍ସ୍ୟଜୀବୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଦିଗରେ ବିସ୍ତୃତ ଆଲୋଚନା ହୋଇଛି। ନଦୀ ଜଳମାର୍ଗର ବିକାଶ ପାଇଁ ଦୀର୍ଘମିଆଦି ଯୋଜନା ନେଇ ଡିପିଆର ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ ଅବଗତ କରାଇଛନ୍ତି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାଗରମାଳା ପ୍ରକଳ୍ପ ସହ ଜାତୀୟ ଜଳମାର୍ଗ ୫ର ତ୍ୱରିତ ବିକାଶ ତଥା ବିଭିନ୍ନ ପର୍ଯ୍ୟାୟରେ ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାର ସଂଯୋଗୀକରଣ ଉପରେ ଫଳପ୍ରଦ ଆଲୋଚନା ହୋଇଛି।



ଓଡ଼ିଶାରେ ଜାହାଜ ଶିଳ୍ପରେ କାମ କରୁଥିବା ଯୁବକ ଯୁବତୀମାନଙ୍କୁ ସ୍କିଲି, ରି-ସ୍କିଲିଂ ଏବଂ ଅପ ସ୍କିଲିଂ ତଥା ଦକ୍ଷ କରିବା ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଛି। ଓଡ଼ିଶାରେ ସାମୁଦ୍ରିକ କ୍ଷେତ୍ରରେ ଥିବା ଅପାର ସମ୍ଭାବନାକୁ ଉପଯୋଗ କରି ଏହାର ସାମଗ୍ରିକ ଓ ସ୍ଥାୟୀ ବିକାଶ ମାଧ୍ୟମରେ ରାଜ୍ୟରେ ବନ୍ଦର ଆଧାରିତ ଅର୍ଥନୀତିର ବିକାଶ କରିବା ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ। ଓଡ଼ିଶାରେ ଏହି ସବୁ କାର୍ଯ୍ୟକୁ ଗୁରୁତର ସହ ନେଇ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୱାଲଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

ଏ ବୈଠକ ସମ୍ପର୍କରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଓଡ଼ିଶାର ପାରାଦୀପ ବନ୍ଦର ଦେଶର ସବୁଠୁ ବୃହତ୍ତମ ବନ୍ଦର ହୋଇସାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ପାରାଦୀପ ବନ୍ଦରର ସାମଗ୍ରିକ ବିକାଶ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭାରତୀୟ ଜଳମାର୍ଗର ବିକାଶ ନେଇ କଣ ଯୋଜନା କରିହେବ, ସେ ସମ୍ପର୍କରେ ଓଡ଼ିଶାର ସାଂସଦମାନଙ୍କ ସହ ଆଲୋଚନା ହୋଇଥିବା ସେ କହିଛନ୍ତି ।

ଏହି ଅବସରରେ ଓଡ଼ିଶାର ସାଂସଦମାନେ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ଉତ୍କର୍ଷ ଉତ୍କଳ ନିବେଶ ସମ୍ମିଳନୀରେ ସାମିଲ ହେବା ପାଇଁ ମନ୍ତ୍ରଣାଳୟର ସଚିବ ଓ ଅନ୍ୟାନ୍ୟ ଷ୍ଟେକହୋଲଡର, ନିବେଶକ ମାନଙ୍କୁ ପଠାଇବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ।

## ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



### ଖବର

## ଲଣ୍ଠନ ଧରି ଭୂତ ବଙ୍ଗଳା ଆଗରେ ଅକ୍ଷୟ, ମୁକ୍ତିଲାଭ ତାରିଖ ଘୋଷଣା



ଅକ୍ଷୟ କୁମାରଙ୍କ ବହୁପ୍ରତୀକ୍ଷିତ ହରର-କମେଡି ଚଳଚ୍ଚିତ୍ରର ଏକ ନୂଆ ପୋଷ୍ଟର ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଅଭିନେତା ଏହି ପୋଷ୍ଟର ଶେୟାର କରି ଫିଲ୍ମର ମୁକ୍ତିଲାଭ ତାରିଖ ଘୋଷଣା କରିଛନ୍ତି। ଅକ୍ଷୟ କୁମାର ପ୍ରାୟ ୧୪ ବର୍ଷ ପରେ ଏହି ଚଳଚ୍ଚିତ୍ରରେ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଅକ୍ଷୟ କୁମାର ତାଙ୍କ ଜନ୍ମଦିନରେ ଏହି ଚଳଚ୍ଚିତ୍ର ବିଷୟରେ ଘୋଷଣା କରିଥିଲେ। ଏବେ ସେ ଏହାର ପୋଷ୍ଟର ଶେୟାର କରିଛନ୍ତି, ଯେଉଁଥିରେ ସେ ଲଣ୍ଠନ ଧରି ଏକ ଉଚ୍ଚା ସ୍ଥାନରେ ବସିଥିବା ଦେଖିବାକୁ ମିଳିଛି।ଏହି ପୋଷ୍ଟରରେ ଅକ୍ଷୟଙ୍କ ପଛରେ ଦେଖାଯାଇଥିବା ଦୃଶ୍ୟ ଭୂତ କାହାଣୀର ଝଲକ୍ ଦେଖାଉଛି ଏବଂ ତାଙ୍କ ହାତରେ ଥିବା ଲଣ୍ଠନ ଏହି କାହାଣୀରେ ଭୟ ସୃଷ୍ଟି କରୁଛି। ପୋଷ୍ଟର ଶେୟାର କରି ଅକ୍ଷୟ କୁମାର ଲେଖିଛନ୍ତି, ''ଆଜି ଆମେ ଆମ ହରର କମେଡି 'ଭୁବଙ୍ଗଲା'ର ଶୁଟିଂ ଆରମ୍ଭ କରୁଛୁ, ମୋର ପ୍ରିୟ ପ୍ରିୟଦର୍ଶନଙ୍କ ସହ ସେଟ୍ରେ ଥିବାରୁ ମୁଁ ବହୁତ ଉତ୍ସାହିତ। ଭୟ ଏବଂ ହସର ଏହି ଡବଲ ଡୋଜ୍ ଏପ୍ରିଲ ୨, ୨୦୨୬ରେ ଆପଣଙ୍କ ପାଇଁ ପ୍ରସ୍ତୁତ ହେବ। ସେପର୍ଯ୍ୟନ୍ତ, ଆପଣ ସମସ୍ତଙ୍କର ଶୁଭକାମନା ଆବଶ୍ୟକ।''

## ମସ୍ତିଷ୍କ ରେଖାରେ ଲୁଚିଛି ଭାଗ୍ୟ

ମଣିଷର ଭାଗ୍ୟ ମଥାରେ ଲେଖାଥାଏ ବୋଲି କୁହାଯାଏ। ମଥାରେ ଥିବା ରେଖା ବ୍ୟକ୍ତିର ଭାଗ୍ୟ ନିର୍ଧାରିତ କରିଥାଏ ବୋଲି ପୁରାତନ ଯୁଗରୁ ବିଶ୍ୱାସ ରହିଛି। ଭାଗ୍ୟ ଦର୍ଶାଇବା ପାଇଁ ମସ୍ତିଷ୍କରେ ୭ଟି ରେଖା ଥାଏ। ପ୍ରତ୍ୟେକ ରେଖା ଗୋଟିଏ ଗ୍ରହର ପ୍ରତିନିଧିତ୍ୱ କରିଥାନ୍ତି। ମସ୍ତିଷ୍କରେ ସବୁଠାରୁ ତଳେ ଚନ୍ଦ୍ରମା ରେଖା ଅବସ୍ଥିତ। ଚନ୍ଦ୍ରମା ମନର କାରକ। ଏହି ରେଖା ସ୍ପଷ୍ଟ ଥିଲେ ଚନ୍ଦ୍ରମା ବଳବାନ ହୋଇଥାଏ। ଯେଉଁ ବ୍ୟକ୍ତିଙ୍କର ଚନ୍ଦ୍ରମା ରେଖା ସ୍ପଷ୍ଟ ସେମାନେ ସୃଜନଶୀଳ କାର୍ଯ୍ୟକଳାପ ସହ ଜଡିତ ଥାଆନ୍ତି। ଏମାନେ ବିଶେଷତଃ ଭଲ କଳାକାର ହୋଇଥାନ୍ତି ଏବଂ ଏମାନଙ୍କ ସ୍ମରଣ ଶକ୍ତି ବହୁତ ଭଲ। ଚନ୍ଦ୍ରମା ରେଖା ଉପରେ ବୁଧ ରେଖା ଅବସ୍ଥିତ। ଏହା ଭଲ ସ୍ୱାସ୍ଥ୍ୟ ଓ ତର୍କ ବୁଦ୍ଧିଯୁକ୍ତ ହୋଇଥାନ୍ତି। ଏହି ରେଖା ସ୍ପଷ୍ଟ ଥିଲେ ବ୍ୟକ୍ତି ସଫଳ ବ୍ୟବସାୟୀ ଏବଂ ଏମାନଙ୍କ ବିଚାରଧାରା ସକ୍ରିୟ୍ୟ ବୁଧ ରେଖା ଉପରେ ଶୁକ୍ର ରେଖା ଥାଏ।




ଯେଉଁମାନଙ୍କ ଶୁକ୍ର ରେଖା ସବଳ ସେମାନେ ସୁନ୍ଦର ଓ ସମସ୍ତ ଲୌକିକ ସୁଖ ଭୋଗ କରିଥାନ୍ତି। ଶୁକ୍ର ରେଖା ଉପରେ ସୂର୍ଯ୍ୟ ରେଖା ରହିଛି। ଏହା ପ୍ରଶାସନିକ ଓ ପରିଚାଳନା ମାମଲାରେ ସଫଳତା ପ୍ରଦାନ କରିଥାଏ। ବ୍ୟକ୍ତି ଶାସନ ସହ ଜଡିତ ମାମଲାରେ ସଫଳତା ଅର୍ଜନ କରିଥାଏ। ସୂର୍ଯ୍ୟ ରେଖା ଉପରେ ମଙ୍ଗଳ ରେଖା ଅବସ୍ଥିତ। ଏହିଭଳି ବ୍ୟକ୍ତି ସବଳ ଯୋଦ୍ଧା, ବୀର ଓ ସାହସୀ ହୋଇଥାନ୍ତି। ଏମାନେ ଅନୁଶାସନ ପ୍ରିୟ ହୋଇଥାନ୍ତି ଏବଂ ଜୀବନରେ ମହତ୍ତ୍ୱପୂର୍ଣ୍ଣ ପଦବୀ ପ୍ରାପ୍ତ କରିଥାନ୍ତି। ମସ୍ତିଷ୍କର ଉପରୁ ଦ୍ୱିତୀୟ ରେଖା ଗୁରୁଙ୍କ ରେଖା। ଏହି ରେଖା ଦର୍ଶାଇଥାଏ ବ୍ୟକ୍ତି ଜ୍ଞାନୀ ଓ ଅନୁଭବଶୀଳ ହୋଇଥାନ୍ତି। ସମାଜରେ ପ୍ରତିଷ୍ଠା ଲାଭ କରନ୍ତି। ଭଲ ପରାମର୍ଶଦାତା ହୋଇଥାନ୍ତି। ମସ୍ତିଷ୍କରେ ସବୁଠାରୁ ଉପରେ ଶନି ରେଖା ରହିଥାଏ। ଉନ୍ନତ ରେଖା ହୋଇଥିଲେ ବ୍ୟକ୍ତି ଦୀର୍ଘାୟୁ ହୋଇଥାନ୍ତି। ଏହି ରେଖା ଅଲୌକିକ ବିଷୟରେ ରୁଚି ପ୍ରଦାନ କରିଥାଏ। ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ତୀକ୍ଷ୍ଣ ଦୃଷ୍ଟିଶକ୍ତି ଯୁକ୍ତ ହୋଇଥାନ୍ତି।

## ଆଖି ତଳ କଳାଦାଗ କମ୍ କରିବେ କିପରି

ମହିଳା ଓ ପୁରୁଷ ଉଭୟଙ୍କର ଅନେକ ସମୟରେ ଆଖିତଳ କଳାଦାଗ ସମସ୍ୟା ଦେଖାଯାଏ। ଘରୋଇ ଉପାୟରେ ଏଥିରୁ ରକ୍ଷା ପାଇହେବ। କାମର ଚାପ, ମାନସିକ ଅଶାନ୍ତି ବଢ଼ିଲେ ହିଁ ଆଖିତଳ କଳାଦାଗ ପଡ଼େ।

■ ଆଳୁ ରସକୁ ବାହାର କରି ଏକ ପାତ୍ରରେ ରଖିବେ। ତୁଳାରେ ସେହି ରସକୁ ନେଇ ଆଖି ଉପରେ ୫ ମିନିଟ୍ ରଖି ବିଶ୍ରାମ ନେବେ। ପ୍ରତିଦିନ ଏଇ ଉପାୟ କଲେ ସମସ୍ୟାର ସମାଧାନ ହୋଇଥାଏ।

■ କାକୁଡ଼ିକୁ ଗୋଲ ଆକାରରେ କାଟି ଆଖି ଉପରେ ରଖିଲେ ମଧ୍ୟ କଳା ଦାଗ କମ୍ ହେଉଥିବାର ଦେଖାଯାଇଛି।



■ ଦହିରେ ବେସନ ଅଳ୍ପ ମିଶାଇ ଆଖି ଚାରିପାଖରେ ଲଗାଇ ୫ ମିନିଟ୍ ପରେ ଧୋଇନେବେ।

■ ବାହାରକୁ ଯିବା ପୂର୍ବରୁ ସନ୍ ଗ୍ଲାସ୍ ଲଗାଇବା ଜରୁରୀ। ବାହାରୁ ଆସିବା ପରେ ଥଣ୍ଡା ପାଣିରେ ଛିଟା ମାରନ୍ତୁ।

■ ଖରାରୁ ଆସିବା ପରେ ବରଫକୁ ନିୟମିତ ଆଖି ଚାରିପାଖେ ମାଲିସ୍ କଲେ ଲାଭ ମିଳେ।

## ଭଗବାନ ଶିବଙ୍କ ତପସ୍ୟା କରି ମହାନ ବରଦାନ ପାଇଥିଲେ ଶନିଦେବ

ହିନ୍ଦୁ ଧର୍ମରେ ଶନିଦେବଙ୍କୁ ସୂର୍ଯ୍ୟ ତଥା କର୍ମଫଳ ଦାତା ବୋଲି କୁହାଯାଏ। ଶନିଦେବଙ୍କୁ ନ୍ୟାୟମୂର୍ତ୍ତି ମଧ୍ୟ କୁହାଯାଏ। ଶନିଦେବଙ୍କ ସମ୍ପର୍କରେ ଲୋକଙ୍କ ମନରେ ଅନେକ ଭ୍ରାନ୍ତ ଧାରଣା ରହିଛି। ସେଥିପାଇଁ ଅନେକ ଲୋକ ଶନିଦେବଙ୍କୁ ମାରକ, ଅଶୁଭ ଏବଂ ଦୁଃଖର କାରକ ବୋଲି କହିଥାନ୍ତି। କଶ୍ୟପ ଗୋତ୍ରୀୟ ଶନିଦେବଙ୍କ ମାତା ସୂର୍ଯ୍ୟ ପତ୍ନୀ ଛାୟାୟ ପୌରାଣିକ କଥା ଅନୁସାରେ ଶନିଦେବଙ୍କ ଜନ୍ମସ୍ଥାନ ମହାରାଷ୍ଟ୍ରର ସିଙ୍ଗାଣାପୁରରେ। ମହର୍ଷି କଶ୍ୟପ ଶନି ସ୍ତୋତ୍ରର ଏକ ମନ୍ତ୍ରରେ ସୂର୍ଯ୍ୟ ପୁତ୍ର ଶନିଦେବଙ୍କୁ ମହାବେଳୀ ଓ ଗ୍ରହମାନଙ୍କ ରାଜା ବୋଲି କହିଛନ୍ତି।

ସୌରିଗ୍ରହରାଜେ ମହାବଳ: ପୌରାଣିକ ମାନ୍ୟତା ଅନୁସାରେ ଶନିଦେବ ଭଗବାନ ଶିବଙ୍କ ଭକ୍ତି ଓ ତପସ୍ୟା କରି



ନବଗ୍ରହରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରାପ୍ତ କରିଛନ୍ତି। ପୌରାଣିକ ବିଶ୍ୱାସ ଅନୁଯାୟୀ, ଭଗବାନ ସୂର୍ଯ୍ୟ ନିଜ ପତ୍ନୀ ଛାୟାଙ୍କ ପାଖକୁ ଯାଇଥିଲେ। ସୂର୍ଯ୍ୟଙ୍କ ପ୍ରକାଶ ଓ ଉଜ୍ଜ୍ୱଳ କିରଣ ଯୋଗୁଁ ତାଙ୍କ ପତ୍ନୀ ଆଖି ବନ୍ଦ କରିଦେଲେ। ସେଥିପାଇଁ ତାଙ୍କୁ ଶ୍ୟାମଳ ବର୍ଣ୍ଣ ପୁତ୍ର ଶନିଦେବ ପ୍ରାପ୍ତ ହୋଇଥିଲେ। ଶନିଦେବଙ୍କ ଶ୍ୟାମଳ ବର୍ଣ୍ଣ ଦେଖି ସୂର୍ଯ୍ୟ ଛାୟାଙ୍କ ଉପରେ ଆରୋପ ଲଗାଇଲେ ଯେ ସେ ତାଙ୍କ ପୁତ୍ର ନୁହେଁ। ସେଥିପାଇଁ ଶନିଦେବ ନିଜ ପିତାଙ୍କ ଉପରେ କ୍ରୋଧିତ ହୋଇଗଲେ। ଏହାପରେ ଶନିଦେବ ଭଗବାନ ଶିବଙ୍କ ଘୋର ତପସ୍ୟା କଲେ ଓ ନିଜ ଶରୀରକୁ ଜାଳିଦେଲେ। ଭଗବାନ ଶିବ ଶନିଦେବଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ତାଙ୍କୁ ବର ମାଗିବାକୁ କହିଥିଲେ। ଶନିଦେବ ବର ମାଗିଥିଲେ ଯେ ଯୁଗ ଯୁଗ ଧରି ତାଙ୍କ ମାତା ଛାୟାଙ୍କ ପରାଜୟ ହେଉଛି। ତାଙ୍କ ମାତା ପିତା ସୂର୍ଯ୍ୟଙ୍କ ଦ୍ୱାରା ଲଗାତାର ନିର୍ଯ୍ୟାତିତ ହେଉଛନ୍ତି। ସେଥିପାଇଁ ସେ ନିଜ ପିତାଙ୍କ ଠାରୁ ଅଧିକ ପୂଜ୍ୟ ହେବାକୁ ଚାହୁଁଛନ୍ତି। ଯେପରି ତାଙ୍କ ଅହଂକାର ଭାଙ୍ଗିଯିବ ବୋଲି ସେ ଶିବଙ୍କୁ କହିଥିଲେ। ଭଗବାନ ଶିବ ଶନିଦେବଙ୍କୁ ବରଦାନ ଦେଇଥିଲେ ଯେ ଶନିଦେବ ନବଗ୍ରହଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ହେବେ। ପୃଥିବୀଲୋକରେ ନ୍ୟାୟାଧୀଶ ଏବଂ ଦଣ୍ଡାଧିକାରୀ ହେବେ ଏବଂ ଲୋକଙ୍କ କର୍ମ ଅନୁଯାୟୀ ନ୍ୟାୟ ଓ ଦଣ୍ଡ ଦେବେ। ମତ୍ସ୍ୟ ପୁରାଣରେ ଶନିଦେବଙ୍କ ରୂପ ବର୍ଣ୍ଣନା କରାଯାଇଛି। ତାଙ୍କ ଶରୀର ନୀଳମଣି ସହ ସମାନ। ସେ ଶାଗୁଣା ଉପରେ ବସନ୍ତି। ତାଙ୍କର ଗୋଟିଏ ହାତରେ ଧନୁସର ଓ ଅନ୍ୟ ହାତରେ ବରମୁଦ୍ରାରେ ଥାଆନ୍ତି। ଶନିଦେବ ସର୍ବଦା ନିଜ ଭକ୍ତଙ୍କୁ ସାହାଯ୍ୟ କରନ୍ତି, ନିଜ ଭକ୍ତଙ୍କ ଡାକ ଶୁଣନ୍ତି। ଦେଶର ଅନେକ ସ୍ଥାନରେ ଶନିଦେବଙ୍କ ପ୍ରସିଦ୍ଧ ମନ୍ଦିର ରହିଛି। ଶନିବାର ଦିନ ଭକ୍ତ ଶନିଦେବଙ୍କୁ ଦର୍ଶନ କଲେ ଶନିଦେବ ଭକ୍ତଙ୍କ କଷ୍ଟ ଦୂର କରିଥାନ୍ତି।

## ଗ୍ଲୋଇଙ୍ଗ୍ ସ୍କିନ୍ ପାଇଁ ବାଦାମ ଫେସ୍ ପ୍ୟାକ୍

ସୁନ୍ଦର ଦେଖାଯିବାକୁ ମହିଳାମାନେ ବିଭିନ୍ନ ଟିପ୍ସ ଗ୍ରହଣ କରିବା ସହିତ ଟ୍ରିଟମେଣ୍ଟ ମଧ୍ୟ କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଘରେ ଫେସ୍ ପ୍ୟାକ୍ ତିଆରି କରି ଆପଣ ନିଜର



ସୌନ୍ଦର୍ଯ୍ୟକୁ ବଢାଇପାରିବେ। ଘରେ ତିଆରି ଫେସ୍ ପ୍ୟାକ୍ ଯେକୌଣସି ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିପାରେ। ସେଥିମଧ୍ୟରୁ ଗୋଟିଏ ହେଉଛି ବାଦାମରେ ତିଆରି ଏକ ଫେସ୍ ପ୍ୟାକ୍। ବାଦାମରେ ଥିବା ଆଣ୍ଟିଅକ୍ସିଡାଣ୍ଟ, ରେଟିନୋଲ ଏବଂ ଭିଟାମିନ୍ ଇ ତ୍ୱଚାକୁ ଚମକାଇବାରେ ସାହାଯ୍ୟ କରିଥାଏ। ଆପଣ ଚର୍ମର ରଙ୍ଗ ବଢାଇବା ପାଇଁ ବାଦାମ ଫେସ୍ ପ୍ୟାକ୍ ମଧ୍ୟ ବ୍ୟବହାର କରିପାରିବେ। ତେବେ ଚାଲନ୍ତୁ ଜାଣିବା ବାଦାମ ଫେସ୍ ପ୍ୟାକ୍‌ର ଉପକାରିତା ଏବଂ ଏହାକୁ କିପରି ପ୍ରସ୍ତୁତ କରିବେ।

ବାଦାମ ଫେସପ୍ୟାକରୁ ମିଳୁଥିବା ଫାଇଦା :

ବାଦାମ ଭିଟାମିନ୍-ଇ ର ସର୍ବୋତ୍ତମ ପ୍ରାକୃତିକ ଉତ୍ସ, ଯାହା ଚେହେରାକୁ ବହୁ ପରିମାଣରେ ମଇଶ୍ଚୁରାଇଜର କରିଥାଏ। ବାଦାମ ଫେସ୍ ପ୍ୟାକ୍ ମୁହଁରେ ଲଗାଇବା ଦ୍ୱାରା ସମସ୍ତ ଦାଗ କମିଯାଇଥାଏ ଏବଂ ଚେହେରାରେ ଏକ ଭିନ୍ନ ରଙ୍ଗ ଆଣିଥାଏ। ଏହା ଆମ ଚର୍ମକୁ ଭିତରୁ ସଫା କରିଥାଏ ଏବଂ ଏହାର ରଙ୍ଗକୁ ବଢାଇଥାଏ। ଯଦି ଆପଣଙ୍କ ସ୍କିନ୍ ଅଏଲି, ତେବେ ବାଦାମ ଫେସ୍ ପ୍ୟାକ୍ ପ୍ରୟୋଗ କରିବା ଦ୍ୱାରା କଳା ଦାଗ, ବ୍ରଣ ଦାଗ ଦୂର ହୋଇଥାଏ। ତ୍ୱଚାକୁ ଚମକିବା ଏବଂ ଦାଗହୀନ କରିବାରେ ଏହା ବହୁତ ସହାୟକ ହୋଇଥାଏ।

ସାମଗ୍ରୀ :୮-୧୦ ଟି ବାଦାମ, ୧ କପ୍ କ୍ଷୀର

ରାତିରେ ବାଦାମକୁ ଭିଜାଇ ରଖନ୍ତୁ। ପରଦିନ ବାଦାମରୁ ଚୋପା ଛଡାଇ ତାହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ କ୍ଷୀର ମିଶାଇ ଫେସପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାପରେ ପ୍ରଥମେ ମୁହଁକୁ ଭଲଭାବରେ ସଫା କରନ୍ତୁ। ମୁହଁ ଏବଂ ବେକରେ ଭଲଭାବରେ ଫେସପ୍ୟାକ୍ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଏବଂ ପରେ ମୁହଁକୁ ସଫା ପାଣିରେ ଧୋଇଦିଅନ୍ତୁ।

# ଲିଙ୍ଗଭିତ୍ତିକ ହିଂସାର ପ୍ରତିରୋଧ ପାଇଁ ଶକ୍ତି ଆପ୍ ଲୋକାର୍ପିତ




**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଆଜି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନାଇଟେଡ ନ୍ୟାସନାଲ ପପୁଲେସନ ଫଣ୍ଡ (ୟୁଏନେଫପିଏ)ର ସହଭାଗିତାରେ ଆଜି ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ସହ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୧୬ ଦିନିଆ ସଚେତନତା ଅଭିଯାନର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଅଭିଯାନ ୩୦ ଜିଲ୍ଲାଟିକୁ ବ୍ୟାପି ଥିବାବେଳେ ଆଜି ଉଦଯାପନୀ ଉତ୍ସବରେ ଭୁବନେଶ୍ୱରସ୍ଥିତ ଶ୍ରୀୟା ଛକ ଠାରୁ ମାଷ୍ଟର କାଣ୍ଟିନ ପର୍ଯ୍ୟନ୍ତ ପ୍ରାୟ ୧ ହଜାର ମହିଳାମାନଙ୍କ ଦ୍ୱାରା ଏକ ମାନବଶୃଙ୍ଖଳ ସହ ପଦଯାତ୍ରା ଦ୍ୱାରା ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ପଦଯାତ୍ରା ସହ ବିଭିନ୍ନ ପ୍ରକାର ପଥପ୍ରାନ୍ତ ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରାରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ମଧ୍ୟ ଯୋଗ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳାମାନଙ୍କୁ ଉତ୍ସାହିତ କରି କହିଲେ ଯେ ଏକ ସଭ୍ୟ ସମାଜରେ ଲିଙ୍ଗଗତ ହିଂସାର କୌଣସି ସ୍ଥାନ ନାହିଁ । ସବୁପ୍ରକାର ବୃତ୍ତିରେ ମହିଳାମାନେ ନିଜ ଦକ୍ଷତା ପ୍ରମାଣ କରିପାରିଛନ୍ତି ଓ ସେମାନଙ୍କୁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ଦୃଢ ମତ ରଖିଛନ୍ତି । ଆଜି ରାଜ୍ୟର ୮୦ ଲକ୍ଷ ମହିଳା ସୁଭଦ୍ରା ସହ ଯୋଡି ହେଇଛନ୍ତି, ୭୦ ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡି ହେଇଛନ୍ତି । ବିକଶିତ ଓଡ଼ିଶାରେ ଲିଙ୍ଗଗତ ହିଂସାକୁ ପ୍ରଶୟ ଦିଆଯିବ ନାହିଁ ବୋଲି ସ୍ୱୀକାରୋକ୍ତି ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିମାନଙ୍କ ସମେତ ସେଠାରେ ଉପସ୍ଥିତ ଜନସାଧାରଣ ମଧ୍ୟ ଲିଙ୍ଗଗତ ହିଂସା ବିରୋଧରେ ଶପଥ ଗ୍ରହଣ କରିଥିଲେ ।

ଏହି ପଦଯାତ୍ରା କାର୍ଯ୍ୟକ୍ରମ ପରେ ଶ୍ରୀୟା ଛକ ଠାରେ ଥିବା ହୋଟେଲ ହିନ୍ଦୁସ୍ଥାନରେ ବ୍ଲକ ଚେନ ପ୍ରଯୁକ୍ତି ବିଦ୍ୟା ଉପରେ ଆଧାରିତ ଶକ୍ତି ଆପ୍ଲିକେସନ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଏହି ଆପ୍ ଲିଙ୍ଗଗତ ହିଂସା ଦ୍ୱାରା ଶିକାର ହୋଇଥିବା ମହିଳାମାନଙ୍କ ସମ୍ମାନକୁ ସୁରକ୍ଷା ଦେବା ସହ ସମାଜରେ ମହିଳାମାନଙ୍କୁ ଉଚିତ ସମ୍ମାନ ଯୋଗାଇଦେବ । ପରୀକ୍ଷାମୂଳକ ଭାବେ ଏହି ଆପ ଓଡ଼ିଶାର ପାଞ୍ଚଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିଲା । ଏବେ ଏହାକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯିବ । ହିଂସାର ଶିକାର ହୋଇଥିବା ମହିଳାମାନଙ୍କର ଗୋପନୀୟତା ରକ୍ଷା କରିବା ସହ ଏହି ଆପ ଘଟଣାର ସବିଶେଷ ବିବରଣୀକୁ ସବୁଦିନ ପାଇଁ ସଂରକ୍ଷିତ କରି ରଖିଥାଏ, ଯାହା ଦ୍ୱାରା ମହିଳାମାନଙ୍କୁ ବାର ବାର ସେଇ ଘଟଣାକୁ କହିବାକୁ ପଡିବ ନାହିଁ । କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ୟୁଏନେଫପିଏ ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ୍ ନୁର ଉପସ୍ଥିତ ଥିଲେ । ଏହା ସହ ବିଭିନ୍ନ ଜିଲ୍ଲାରେ ମହିଳା ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବେସରକାରୀ ସଂଗଠନର ଅଧିକାରୀବୃନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀବୃନ୍ଦ ଓ ୟୁନାଇଟେଡ଼ ନ୍ୟାସନାଲ ପପୁଲେସନ ଫଣ୍ଡ (ୟୁଏନେଫପିଏ)ର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୧୩ ସହରରେ ସରୁନାହିଁ ଡ୍ରିଙ୍କ ଫ୍ରମ ଟ୍ୟାପପ୍ରକଳ୍ପ କାମ

**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଡ୍ରିଙ୍କ ଫ୍ରମ ଟ୍ୟାପ ବା ଟ୍ୟାପରୁ ପାଣି ପିଇବା ଯୋଜନା ଏକ ପ୍ରକାର ରାଜ୍ୟରେ ଶିଥିଳ ହୋଇପଡିଛି । ଆଜି ସୁଦ୍ଧା ରାଜ୍ୟର ୧୩ଟି ସହରରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିନଥିବା ବିଧାନସଭାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଦେଇଥିବା ଉତ୍ତରରୁ ଜଣାପଡିଛି । ବିଧାନସଭାରେ ଆଜି ବିଧାୟିକା ଉପାସନା ମହାପାତ୍ରଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନା ଅଧୀନରେ ସର୍ବମୋଟ ୨୪ଟି ସହରକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି ।

ସେଠି ମଧ୍ୟରୁ ୧୧ଟି ସହରର ସମସ୍ତ ଘରକୁ ଡିଏଫଟି ମାଧ୍ୟମରେ ଜଳ ଯୋଗାଣ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ଅନ୍ୟ ୧୩ଟି ସହରରେ କାର୍ଯ୍ୟ ଚାଲିଛି । ରାଜ୍ୟରେ ୱାଟକୋ ଦ୍ୱାରା ନିର୍ମିତ ହେଉଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ବ୍ରହ୍ମପୁରରେ ୨୬ଟି, ଗୋପାଳପୁରରେ ୨ଟି, ହିଞ୍ଜିଳିକାଟୁରେ ୭ଟି, ପୁରୀରେ ୧୯ଟି, ନିମାପଡ଼ାରେ ୪ଟି, ବୀରମିତ୍ରପୁରରେ ୩ଟି, ରାଜଗାଙ୍ଗପୁରରେ ୫ଟି, ସୁନ୍ଦରଗଡ଼ରେ ୯ଟି, ଚମ୍ପୁଆରେ ୩ଟି, ଆନନ୍ଦପୁରରେ ୬ଟି ଓ ରାଇରଙ୍ଗପୁରରେ ୪ଟି ଏହିଭଳି ୧୧ଟି ସହରରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ ସତ ପ୍ରତିଶତ କାର୍ଯ୍ୟ କରୁଛି । ତେବେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, କଟକ, ବ୍ୟାସନଗର, ପିପିଲି, ରାଉରକେଲା, କେନ୍ଦୁଝର, ଯୋଡ଼ା, ବଡ଼ବିଲ, ବାରିପଦା, ଉଦଳା ଓ କରଞ୍ଜିଆରେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି ।

# ଖଦି ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦/୧୨ (ସ୍ୱାଧିକାର ନ୍ୟୁଜ):** ସ୍ଥାନୀୟ ଖାରବେଳ ନଗରସ୍ଥିତ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଳୟ ପରିସରରେ ଆଜିଠାରୁ ଓଡ଼ିଶା ଖଦି ମେଳା – ୨୦୨୪ ଆରମ୍ଭ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ



ସୁରେଶ ପୂଜାରୀ ଏହାକୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଗୋଟିଏ ସ୍ଥାନରେ ଖଦି ଉତ୍ପାଦକୁ ପ୍ରଦର୍ଶିତ କରିବା ସହ ବୁଣାକାରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ । ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ୧୦ ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୩ ଘଟିକାରୁ ରାତ୍ର ୧୦ ଘଟିକା ମଧ୍ୟରେ ଲୋକମାନେ ମନ ପସନ୍ଦର ସାମଗ୍ରୀ କିଣି ପାରିବେ ।

ଖଦି ବସ୍ତ୍ର, ଶାଢି, ଶାଲ, ଜ୍ୟାକେଟ, ଗ୍ରାମୋଦ୍ୟୋଗ ସାମଗ୍ରୀ ଆଦି ବିକ୍ରି ହେବ ଯ ଚଳିତଥର ମୋଟ୍ ୧୦୦ ଟି ଷ୍ଟଲ୍ ଖୋଲାଯାଇଛି । ୩୨ ଗୋଟି ଖଦି, ୬୩ ଗୋଟି ଗ୍ରାମୋଦ୍ୟୋଗ, ୫ ଗୋଟି ଖାଦ୍ୟ ଷ୍ଟଲ ଖୋଲା ଯାଇଛି । ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ସିଧା ପ୍ରଦର୍ଶନ ଷ୍ଟଲ କରାଯାଇଛି ।

ଏହି ଉତ୍ସବରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ବିଭାଗ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଖଦି ବୋର୍ଡ଼ର ସଚିବ ସଞ୍ଜୟ କୁମାର ମିଶ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ବିରୋଧ

**ଭୁବନେଶ୍ୱର,୧୦।୧୨ (ମହାଭାରତ):** ସମଗ୍ର ବିଶ୍ୱ ମାନବାଧିକାର ଦିବସ ପାଳନ କରୁଥିବା ବେଳେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ମାନଙ୍କ ଉପରେ କଠୋରପନ୍ଥୀ ଇସ୍ଲାମିକ ସଂଗଠନ ଦ୍ୱାରା ବର୍ବୋରଚିତ ଆକ୍ରମଣ ଦ୍ୱାରା ମାନବାଧିକ କ୍ଷୁର୍ଣ୍ଣ ହେଉଥିବା ବେଳେ ଆର୍ନ୍ତଜାତୀୟ ମାନବାଧିକାର ସଂଗଠନ ତଥା ବୁଦ୍ଧିଜୀବୀମାନଙ୍କର ନିରବତା ସେମାନଙ୍କର କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି । ବାଂଲାଦେଶରେ ହିନ୍ଦୁ ନାରୀମାନଙ୍କୁ ଯେଭଳ ଅତି ନିର୍ମମ ଭାବରେ ହତ୍ୟା କରାଯାଉଛି, ହିନ୍ଦୁ ମଠ ମନ୍ଦିରଗୁଡିକୁ ଭାଙ୍ଗିରୁଜି ନଷ୍ଟ ଭ୍ରଷ୍ଟ କରାଯାଉଛି,ସାଧୁସନ୍ଥଙ୍କୁ ବନ୍ଦି କରାଯାଉଛି ତାହା ନିନ୍ଦନୀୟ । ବାଂଲାଦେଶର ମୁସଲମାନ ଆତଙ୍କବାଦୀଙ୍କର ଏହି କାର୍ଯ୍ୟକଳାପକୁ ବିରୋଧକରି ହିନ୍ଦୁ ସୁରକ୍ଷା ମଂଚ,ଭୁବନେଶ୍ୱର ତରଫରୁ ଏକ ବିଶାଳ ଶୋଭାଯାତ୍ରା ଓ



ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ଗାୟତ୍ରୀ ପରିବାର, ଇସ୍କନ ପରିବାର, ଅନୁକୂଳ ଚନ୍ଦ୍ର ସତସଂଗ, ରାମକୃଷ୍ଣ ମିଶନ, ଆର୍ଯ୍ୟ ସମାଜ, ସତ୍ୟସାଇ ଟ୍ରଷ୍ଟ, ଡିଭାଇନ ଲାଇଫ ସୋସାଇଟି, ପତଳୀ ଯୋଗ ସଂସ୍ଥାନ, ପ୍ରଜ୍ଞାନ ମିଶନ, ଭାରତ ଯୋଗ ସଂସ୍ଥାନ ଆଦି ସଂଗଠନର ମୁଖ୍ୟମାନେ ଯୋଗଦେଇ ବାଂଲାଦେଶରେ ହିନ୍ଦୁମାନଙ୍କର ସୁରକ୍ଷା ଦାବି କରିଥିଲେ । ଏହାପରେ ୧୦ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁ, ବିଭିନ୍ନ ମତ, ପନ୍ଥ, ସଂପ୍ରଦାୟର ମୁଖିଆ,ସାଧୁସନ୍ଥ ଓ ହିନ୍ଦୁ ସଂଗଠନ ଗୁଡିକ ଭାଗନେଇ ଏକ ବିଶାଳ ଶୋଭାଯାତ୍ରାରେ ମାଷ୍ଟର କ୍ୟାଂଟିନ ଛକରେ ପହଁଚି ଥିଲେ । ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହ' ରାମକୃଷ୍ଣ ଦାଶ, ବ୍ରହ୍ମଚାରୀ ବିଶ୍ୱଚୈତନ୍ୟ, ବାବା ରମେଶ ଚନ୍ଦ୍ର ଦାସ,ସ୍ୱାମୀ ନିର୍ଭୟାନନ୍ଦ ଗିରି,ମହ' ତୈଲୋକ୍ୟଶ୍ୱର ଭାରତୀ,ମହ' ବୈଷ୍ଣବପୁରୀ, ମହ' ଲିଙ୍ଗରାଜପୁରୀ, ସ୍ୱାମୀ ଜୀବନ ଚୈତନ୍ୟ ମହାରାଜଙ୍କ ନେତୃତ୍ୱରେ ସାଧୁସନ୍ଥଙ୍କ ଏକ ପ୍ରତିନିଧି ଦଳ ଓଡିଶାର ରାଜଭବନକୁ ଯାଇ ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ତଥା ମିଳିତ ଜାତିସଂଘର ସଂପାଦକଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଥିଲେ ।

## ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାର ସଂଯୋଗୀକରଣ

# ଓଡ଼ିଶାରେ ଜଳମାର୍ଗର ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା : ଧର୍ମେନ୍ଦ୍ର




**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଓଡ଼ିଶାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବନ୍ଦର, ନଦୀ ଜଳମାର୍ଗ ସମୂହର ବିକାଶ ପାଇଁ କ୍ରିୟାନ୍ୱୟନ ହେଉଥିବା ପ୍ରକଳ୍ପ ଏବଂ ଆଗାମୀ ଦିନର ଯୋଜନା ସମ୍ପର୍କରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ବିଜେପି ସାଂସଦମାନେ ବିସ୍ତୁତ ଭାବେ ଆଲୋଚନା କରିଛନ୍ତି ।

ଏ ସମ୍ପର୍କରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ ପୂର୍ବୋଦୟ ମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଓଡ଼ିଶାର ସାମଗ୍ରିକ ବିକାଶ ବିଶେଷ ଭାବରେ ପାରାଦୀପ ବନ୍ଦରକୁ ଅତ୍ୟାଧୁନିକ ବନ୍ଦରରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର । ଆଜିର ବୈଠକରେ ଓଡ଼ିଶାରେ ବନ୍ଦର ଗୁଡିକର ତ୍ୱରିତ ବିକାଶ ପାଇଁ ଆଲୋଚନା ହୋଇଛି । ସେହିପରି ପୁରୀରେ କ୍ରୁଜ ଟର୍ମିନାଲର ନିର୍ମାଣ, ମତ୍ସ୍ୟ ବିଭାଗ ସହ ମିଶି ରାଜ୍ୟ ଓ ଦେଶ ବାହାରକୁ ସାମୁଦ୍ରିକ ସାମଗ୍ରୀର ରପ୍ତାନୀ କରିବା ତଥା ମତ୍ସ୍ୟଜୀବୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଦିଗରେ ବିସ୍ତୁତ ଆଲୋଚନା ହୋଇଛି । ନଦୀ ଜଳମାର୍ଗର ବିକାଶ ପାଇଁ ଦୀର୍ଘମିଆଦି ଯୋଜନା ନେଇ ଡିପିଆର ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ ଅବଗତ କରାଇଛନ୍ତି । ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାଗରମାଳା ପ୍ରକଳ୍ପ ସହ ଜାତୀୟ ଜଳମାର୍ଗ ୫ର ତ୍ୱରିତ ବିକାଶ ତଥା ବିଭିନ୍ନ ପର୍ଯ୍ୟାୟରେ ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାର ସଂଯୋଗୀକରଣ ଉପରେ ଫଳପ୍ରଦ ଆଲୋଚନା ହୋଇଛି ।

ଓଡ଼ିଶାରେ ଜାହାଜ ଶିଳ୍ପରେ କାମ କରୁଥିବା ଯୁବକ ଯୁବତୀମାନଙ୍କୁ ସ୍କିଲି, ରି-ସ୍କିଲିଂ ଏବଂ ଅପ ସ୍କିଲିଂ ତଥା ଦକ୍ଷ କରିବା ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଛି । ଓଡ଼ିଶାରେ ସାମୁଦ୍ରିକ କ୍ଷେତ୍ରରେ ଥିବା ଅପାର ସମ୍ଭାବନାକୁ ଉପଯୋଗ କରି ଏହାର ସାମଗ୍ରିକ ଓ ସ୍ଥାୟୀ ବିକାଶ ମାଧ୍ୟମରେ ରାଜ୍ୟରେ ବନ୍ଦର ଆଧାରିତ ଅର୍ଥନୀତିର ବିକାଶ କରିବା ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ । ଓଡ଼ିଶାରେ ଏହି ସବୁ କାର୍ଯ୍ୟକୁ ଗୁରୁତର ସହ ନେଇ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୱାଲଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

ଏ ବୈଠକ ସମ୍ପର୍କରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଓଡ଼ିଶାର ପାରାଦୀପ ବନ୍ଦର ଦେଶର ସବୁଠୁ ବୃହତ୍ତମ ବନ୍ଦର ହୋଇସାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ପାରାଦୀପ ବନ୍ଦରର ସାମଗ୍ରିକ ବିକାଶ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭାରତୀୟ ଜଳମାର୍ଗର ବିକାଶ ନେଇ କଣ ଯୋଜନା କରିହେବ, ସେ ସମ୍ପର୍କରେ ଓଡ଼ିଶାର ସାଂସଦମାନଙ୍କ ସହ ଆଲୋଚନା ହୋଇଥିବା ସେ କହିଛନ୍ତି ।

ଏହି ଅବସରରେ ଓଡ଼ିଶାର ସାଂସଦମାନେ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ଉତ୍କର୍ଷ ଉତ୍କଳ ନିବେଶ ସମ୍ମିଳନୀରେ ସାମିଲ ହେବା ପାଇଁ ମନ୍ତ୍ରଣାଳୟର ସଚିବ ଓ ଅନ୍ୟାନ୍ୟ ଷ୍ଟେକହୋଲଡର, ନିବେଶକ ମାନଙ୍କୁ ପଠାଇବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ ।

# ଓଡ଼ିଶାରେ ଚାଲିବ ଡବଲ୍ ଡେକର୍ ବସ୍



**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଖୁବଶୀଘ୍ର ଓଡ଼ିଶାରେ ଗଡ଼ିବ ଦୁଇ ଥାକିଆ ବସ୍ । କ୍ୟାପିଟାଲ୍ ରିଜିଅନ୍ ସହରୀ ପରିବହନ (କ୍ରୁଟ୍) ପକ୍ଷରୁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ଖୋର୍ଦ୍ଧା, ପୁରୀ, କଟକ ଜିଲା ପାଇଁ ଏହି ଯୋଜନା କରାଯାଇଛି । ଏହି ଦୁଇ ଥାକିଆ ବସ୍ ଗୁଡ଼ିକ ଇଲେକ୍ଟ୍ରିକ୍ ହୋଇଥିବାରୁ ପ୍ରଦୂଷଣ ଉପରେ ମଧ୍ୟ ନିୟନ୍ତ୍ରଣ ରହିବ ।

୧୦+୨ ବର୍ଷ ପାଇଁ ଗ୍ରସ କଷ୍ଟ କଣ୍ଟ୍ରାକ୍ଟ (ଜିସିସି) ମଡେଲ ଅଧୀନରେ ଡବଲ-ଡେକର ଇଲେକ୍ଟ୍ରିକ୍ ବସ୍ ଯୋଗାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବସ୍ ଅପରେଟର ଚୟନ ପାଇଁ କ୍ରୁଟ୍ କୁ ଏକ ଟେଣ୍ଡର ଡକାଯାଇଛି ।ଏହି ୧୦ ବର୍ଷିଆ ଚୁକ୍ତିରେ ସପ୍ଲାଏ, ଅପରେସନ୍, ମେଣ୍ଟେନାନ୍ସ ଓ କର୍ମଚାରୀ ସଂପୃକ୍ତ ସଂସ୍ଥା ଯୋଗାଇବ । ବସ୍ ଗୁଡିକର କାର୍ଯ୍ୟଦକ୍ଷତା ଏବଂ ସ୍ଥିତିକୁ ଆଧାର କରି ଚୁକ୍ତିନାମା ଅବଧି ଅତିରିକ୍ତ ୨ ବର୍ଷ ବୃଦ୍ଧି କରିବାର ଅଧିକାର ଅଛି । ରାଜ୍ୟ ମଧ୍ୟରେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବସ୍ ନିୟୋଜିତ କରିବାକୁ କର୍ତ୍ତୃପକ୍ଷ ଚାହୁଁଛନ୍ତି ବୋଲି ଟେଣ୍ଡର ଡକ୍ୟୁମେଣ୍ଟରେ କୁହାଯାଇଛି ।

## ନେଫ୍ରୋପ୍ଲସ୍ ଭୁବନେଶ୍ୱରରେ ପ୍ରଚଳନ କଲା 'ଡାଏଲିସିସ୍ ଅନ କଲ୍'

**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଏସିଆର ସର୍ବବୃହତ ଡାଏଲିସିସ୍ ନେଟୱର୍କ ନେଫ୍ରୋପ୍ଲସ୍ ଏହାର 'ଡାଏଲିସିସ୍ ଅନ କଲ୍' ସେବା ଭୁନନେଶ୍ୱରରେ ଶୁଭାରମ୍ଭ କରିଛି, ଯାହା ଉଚ୍ଚ ଗୁଣମାନର ଡାଏଲିସିସ୍‌କୁ ଅଧିକ ସୁଲଭ ଓ ସହଜରେ ଉପଲବ୍ଧ କରାଇବାକୁ ରଖିଥିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି । ଏହି ସମ୍ପ୍ରସାରଣ ନେଫ୍ରୋପ୍ଲସ୍‌ର ସୁପ୍ରସିଦ୍ଧ ଡାଏଲିସିସ୍ ଅନ କଲ୍ (ଡି ଓ ସି) ସେବା ଭୁବନେଶ୍ୱର ସହରକୁ ଆଣିଛି ଏବଂ ଏହାଦ୍ୱାରା ରୋଗୀମାନଙ୍କୁ ସେମାନଙ୍କ ନିଜ ଘରେ ସ୍ୱାଚ୍ଛନ୍ଦ୍ୟ ଓ ସୁବିଧା ଡାଏଲିସିସ୍ ସେବା ଗ୍ରହଣ କରିବାକୁ ସମର୍ଥ କରାଉଛି । ଡାଏଲିସିସ୍ ଅନ କଲ୍ ସେହି ରୋଗୀମାନଙ୍କ ପାଇଁ ଏକ ନବୋନ୍ମେଷୀ ପ୍ରୟାସ ହୋଇଛି, ଯେଉଁମାନେ ସେମାନଙ୍କ ବୟସ, ଯାତାୟତକୁ ନେଇ ସମସ୍ୟା, ଦୂରତା ଅଥବା କେବଳ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଡାଏଲିସିସ୍ କ୍ଲିନିକକୁ ଯିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଡିଓସି ସହିତ ରୋଗୀମାନେ ଜଣେ ଆଟେଣ୍ଡାଣ୍ଟଙ୍କ ବିନା ଆବଶ୍ୟକତାରେ ଡାଏଲିସିସ୍ କରାଇପାରିବେ, ଯେଉଁଥିରେ ପରିବାର ସଦସ୍ୟମାନେ ସେମାନଙ୍କର ସ୍ୱାଭାବିକ କାର୍ଯ୍ୟ ନିମନ୍ତେ ଯାଇପାରିବେ । ପ୍ରତ୍ୟେକ ଥର ଡାଏଲିସିସ୍‌କୁ ଜଣେ ଅଭିଜ୍ଞ ଟେକ୍‌ନିସିଆନ ଯତ୍ନର ସହିତ ନିରୀକ୍ଷଣ କରୁଛନ୍ତି ଏବଂ ଯେକୌଣସି ସମସ୍ୟା ଦେଖାଦେଲେ ତାହା ପରିଚାଳନା କରିବାକୁ ଜଣେ ନେଫ୍ରୋଲୋଜିଷ୍ଟ ଅନ୍ କଲ୍ ରହିଥାନ୍ତି ।

# ବନ୍ଧା ହୋଇଛନ୍ତି ୪୪୭ ଲାଞ୍ଚୁଆ ସରକାରୀ ବାବୁ

**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୪୪୭ଜଣ ଲାଞ୍ଚୁଆ ସରକାରୀ ବାବୁଙ୍କୁ ବାନ୍ଧିଛି ଭିଜିଲାନ୍ସ ।

ଭିଜିଲାନ୍ସ ସଚେତନତା ସପ୍ତାହରେ ପ୍ରତିବର୍ଷ ସରକାରୀ ବାବୁମାନେ ଶପଥ ନେଉଛନ୍ତି । ତଥାପି ବାବୁମାନଙ୍କର ଲାଞ୍ଚ ନେବା ବନ୍ଦ ହେଉ ନାହିଁ । ଦିନକୁ ଦିନ ଅଧିକରୁ ଅଧିକ ଲାଞ୍ଚୁଆ ଅଫିସର ଭିଜିଲାନ୍ସ ଜାଲରେ ପଡ଼ି ବନ୍ଧା ହେଉଛନ୍ତି । ନିଜର ଆୟ ଠାରୁ ଆୟ ବହିର୍ଭୁତ ସମ୍ପତ୍ତିରେ କୁବେର ପାଲଟିଛନ୍ତି । ଆଜି ଏଭଳି ତଥ୍ୟ ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରୁ ମିଳିଛି ।

ଆଜି ବିଧାନସଭାରେ କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀଙ୍କ ପ୍ରଶ୍ନର ମୁଖ୍ୟମନ୍ତ୍ରୀ ତଥ୍ୟ ଦେଇ କହିଛନ୍ତି ଯେ, ରାଜ୍ୟରେ ଦୁର୍ନୀତି ନିବାରଣ ବିଭାଗ ୨୦୧୯ ଜାନୁଆରୀ ୧ ତାରିଖରୁ ୨୦୨୩ ଡିସେମ୍ବର ୩୧ ଭିତରେ ୪୪୭ ଜଣ ସରକାରୀ ବାବୁଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାମଲା ରୁଜୁ ହୋଇଛି । ସେହିପରି ୫୯୪ ଜଣ ସରକାରୀ କର୍ମଚାରୀଙ୍କ ବିରୋଧରେ ଫନ୍ଦି ମାମଲା ରୁଜୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୫ ବର୍ଷରେ ୯୧୧ଟି ଭିଜିଲାନ୍ସ ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି । ଯେଉଁଥିରେ ବିଚାର ପ୍ରକ୍ରିୟା ଶେଷ ହୋଇଥିବା ୩୦ଟି ମାମଲା ଉପରୋକ୍ତ ୫ ବର୍ଷ ମଧ୍ୟରେ ରୁଜୁ ହୋଇଥିଲା । ଉକ୍ତ ୩୦ଟି ମାମଲା ମଧ୍ୟରୁ ୧୧ଟି ମାମଲାରେ ୧୧ ଜଣ ସରକାରୀ କର୍ମଚାରୀ ବିଭିନ୍ନ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି । ୧୨ଟି ମାମଲାରେ ସରକାରୀ କର୍ମଚାରୀମାନେ ଦୋଷ ମୁକ୍ତ ହୋଇଛନ୍ତି । ୭ଟି ମାମଲାରେ ସରକାରୀ କର୍ମଚାରୀମାନେ ବିଚାରାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ତେଣୁ ସେହି ମାମଲା ଗୁଡ଼ିକ ସମାପ୍ତ କରି ଦିଆଯାଛି । ଦଣ୍ଡିତ ହୋଇଥିବା କୌଣସି ସରକାରୀ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତରରେ କହିଛନ୍ତି ।

ରାଜ୍ୟରେ ଦୁର୍ନୀତି ନିବାରଣ ପକ୍ଷରୁ ଗତ ୫ ବର୍ଷରେ କେତେ ଜଣ ସରକାରୀ କର୍ମଚାରୀଆୟ ବର୍ହିଭୂତ ଠୁଳ କରିଛନ୍ତି । କେତେ ଜଣ ଟ୍ରାପ୍ ହୋଇ ମାମଲା ରୁଜୁ ହୋଇଛି । କେତେ ଜଣ ଭିଜିଲାନ୍ସ କୋର୍ଟଦ୍ୱାରା ଦଣ୍ଡିତ ହୋଇଛନ୍ତି । ଦଣ୍ଡିତ ପରେ କେତେ ଜଣ କର୍ମଚାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଆଜି ବିଧାନସଭାରେ ଏପରି ପ୍ରଶ୍ନ ପଚାରିଥିଲେ କଂଗ୍ରେସ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ।

## କୋଟକ ସିକ୍ୟୁରିଟିଜ୍ ପକ୍ଷରୁ ୨୦୨୫ ପାଇଁ ମାର୍କେଟ ଆଉଟଲୁକ୍ ଉନ୍ମୋଚିତ

**ମୁମ୍ବାଇ,୧୦।୧୨ (ମହାଭାରତ):** କୋଟକ ସିକ୍ୟୁରିଟିଜ ପକ୍ଷରୁ ୨୦୨୫ ବର୍ଷ ନିମନ୍ତେ ପୁଞ୍ଜି ବଜାର ସମ୍ପର୍କିତ ବିଭିନ୍ନ ଦିଗ (ମାର୍କେଟ ଆଉଟଲୁକ୍) ଉନ୍ମୋଚନ କରାଯାଇଛି । ଇକ୍ୱିଟି, କମୋଡିଟି ଏବଂ କରେନ୍ସି ଆଉଟଲୁକ୍ ସହିତ ମାକ୍ରୋ-ଇକୋନୋମିକ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରି କୋଟକ ସିକ୍ୟୁରିଟିଜ୍ ଏହି ରିପୋର୍ଟ ପ୍ରକାଶ କରିଛି, ଯାହାକୁ ନିବେଶକମାନେ ଆଗାମୀ ବର୍ଷ ନିମନ୍ତେ ଅନୁଧ୍ୟାନ କରିପାରିବେ । ଶ୍ରୀପଲ ଶାହ, ଏମ୍‌ଡି ଓ ସିଇଓ, କୋଟକ ସିକ୍ୟୁରିଟିଜ କହିଛନ୍ତି, "ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ-ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତି ବଜାୟ ରଖିଛି, ଯାହା ଏହାକୁ ବିଶ୍ୱସ୍ତରର ନିବେଶକଙ୍କ ନିମନ୍ତେ ଏକ ସମ୍ମୋହକ ପୁଞ୍ଜିନିବେଶ ସ୍ଥଳରେ ପରିଣତ କରିଛି । ଭାରତର ଦୀର୍ଘାବଧି ଅଭିବୃଦ୍ଧି ସାମର୍ଥ୍ୟକୁ ନେଇ ଆମେ ପୂର୍ଣ୍ଣ ଆଶାବାଦୀ ରହିଥିବାବେଳେ ଆମେ ନିବେଶକଙ୍କୁ ସତର୍କତାମୂଳକ ଆଶା ନେଇ ବଜାରରେ ପ୍ରବେଶ କରିବାକୁ ଉପଦେଶ ଦେଉଛୁ । ଆମେ ଅନୁମାନ କରୁଛୁ ଯେ ଇକ୍ୱିଟି ବଜାର ଅଧିକ ଗତିଶୀଳ ହେବ ଏବଂ କମୋଡିଟି କାରବାର ୨୦୨୫ରେ ତାହାର ଐତିହାସିକ ସର୍ବୋତ୍ତମ ଲକ୍ଷ୍ୟକୁ ପାର୍ କରିବ ।

## ଦରବୃଦ୍ଧି ବାଧୁଛି

ଗୋଟିଏ ଏକର ଜମିରେ ଧାନ ବା ଅନ୍ୟ ଫସଲ ଉତ୍ପାଦନ ବେଳେ ସାର, କୀଟନାଶକ, ବିହନ, ଜଳସେଚନ ବାବଦ ଖର୍ଚ୍ଚ ଏବଂ ଶ୍ରମ ମୂଲ୍ୟକୁ ଏମଏସପି ନିର୍ଦ୍ଧାରଣ ବେଳେ ହିସାବ କରାଯାଇଥାଏ। ପ୍ରତି ୬ମାସରେ ଥରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ପାଏ, ତେଣୁ ପ୍ରତିବର୍ଷ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ଏମଏସପି ବୃଦ୍ଧିର ଯଥାର୍ଥତା ରହିଛି ବୋଲି କୁହାଯାଇପାରେ। କୃଷକଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ପାଇଁ ଏଭଳି ପଦକ୍ଷେପ ଜରୁରୀ। ଯେହେତୁ ପ୍ରତିବର୍ଷ ସାର, କୀଟନାଶକ, ବିହନ, ଡିଜେଲ ଦର, ଜଳକର, ବିଜୁଳି ବିଲ ବଢୁଛି, ସେ ଦୃଷ୍ଟିରୁ କୃଷି ଉତ୍ପାଦନ ଖର୍ଚ୍ଚ ମଧ୍ୟ ବଢୁଛି। ଯଦି ଏମଏସପି ବୃଦ୍ଧି ନପାଇବ ତେବେ କୃଷକମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ। ଏବେ ରାଜ୍ୟ ସରକାର ଧାନ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ବରଗଡ଼ ଜିଲ୍ଲାରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଗତ ନିର୍ବାଚନ ବେଳେ ବିଜେପି ଏହାର ସଙ୍କଳ୍ପ ପତ୍ରରେ ଧାନ କୁଣ୍ଟାଲ ୩୧ ଶହ ଟଙ୍କା କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଏବେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩ ଶହ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ରାଜ୍ୟ ସରକାର ଏହା ଉପରେ ଅଧିକ ୮ ଶହ ଟଙ୍କା ଦେଉଛନ୍ତି। ଏହିପରିଭାବରେ ଓଡ଼ିଶାରେ ଚାଷୀମାନେ ଏବେ ଧାନର ଏମଏସପି ବାବଦରେ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇବେ। ଏହା ସ୍ୱାଗତ ଯୋଗ୍ୟ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପାଇଁ ପ୍ରଶଂସାର ପାତ୍ର। ଏହା ଫଳରେ କେବଳ ଚାଷୀମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ ନାହିଁ, ଏହା ଦ୍ୱାରା ଅନ୍ୟମାନେ ଚାଷ ପ୍ରତି ଆକୃଷ୍ଟ ହେବେ ଏବଂ ଚାଷ ଏକ ଲାଭଜନକ ପେଷାଭାବେ ବିବେଚିତ ହୋଇପାରିବ। ରାଜ୍ୟ ସରକାର ଧାନମଣ୍ଡିରେ ଦଲାଲଙ୍କ ଦୌରାତ୍ମ୍ୟ ରୋକିବାକୁ, କଟନୀ ଛଟନୀ ବନ୍ଦ କରିବାକୁ ଏବଂ ଚାଷୀମାନେ ଯେପରି ବିକ୍ରୀ ଧାନ ବାବଦ ମୂଲ୍ୟ ତତ୍କାଳ ଡିବିଟି ମାଧ୍ୟମରେ ପାଇପାରିବେ ସେ ଦିଗରେ ପଦକ୍ଷେପ ନେଇଛନ୍ତି। ପୂର୍ବରୁ ମଣ୍ଡିରେ ଧାନ ବିକ୍ରୀ କରି ଚାଷୀମାନେ ମାସ ମାସ ଧରି ଟଙ୍କା ପାଉନଥିଲେ। ସେହିପରି ଚାଷୀମାନେ କଟନୀ ଛଟନୀର ଶିକାର ହେଉଥିଲେ। କିନ୍ତୁ ଏବେକାର ସରକାର ଏହି ସମସ୍ୟାକୁ ଦୂର କରିଛନ୍ତି। ତେବେ ଅନେକଙ୍କ ମତ ହେଲା ସରକାର ଧାନ, ଗହମ ବା ଅନ୍ୟ କୃଷି ଉତ୍ପାଦିତ ସାମଗ୍ରୀର ଏମଏସପି ବୃଦ୍ଧି କରିବା ଦ୍ୱାରା ଦରବୃଦ୍ଧି ହେଉଛି ଏବଂ ବାସ୍ତବରେ ଚାଷୀମାନେ ଏହା ଦ୍ୱାରା ଲାଭ ପାଉନି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଫଳରେ ଚାଉଳ ଦର ବଢ଼ିବ। ଏହାର ପ୍ରଭାବରେ ଅନ୍ୟ ଖାଦ୍ୟ ସାମଗ୍ରୀର ଦର ମଧ୍ୟ ବଢ଼ିବ। ତେଣୁ ଧାନ ଚାଷୀର ଆୟ ବଢ଼ିଲେ ମଧ୍ୟ ସେ ଲାଭବାନ ହେବନାହିଁ। କାରଣ ତାକୁ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ଅଧିକ ଦରରେ କିଣିବାକୁ ପଡ଼ିବ। କିନ୍ତୁ ତା ଅର୍ଥ ନୁହେଁ ଯେ, ଧାନର ଏମଏସପି ବୃଦ୍ଧି କରିବା ଅନୁଚିତ। ଏହା ଦ୍ୱାରା ଚାଷୀମାନେ ଅନ୍ୟାୟର ଶିକାର ହେବେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ, ତାଠାରୁ ଅଧିକ ଜରୁରୀ କିପରି ଚାଷ ବାବଦରେ ବ୍ୟୟ ହ୍ରାସ ପାଇବ। ବିହନ, ସାର, କୀଟନାଶକ, ବିଜୁଳି ବିଲ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ହ୍ରାସ ଜରୁରୀ। ଏହା ଦ୍ୱାରା ଚାଷରେ ହେଉଥିବା ଖର୍ଚ୍ଚ ହ୍ରାସ ପାଇବ ଏବଂ ଚାଷୀମାନେ ଲାଭବାନ ହୋଇପାରିବେ। ନଚେତ ଏମଏସପି ବୃଦ୍ଧି ମୂଲ୍ୟହୀନ ହୋଇଯିବ। ଏହା ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ନୁହେଁ, ବରଂ ଏହା ଦ୍ୱାରା ଦରବୃଦ୍ଧି ହେବ। କେବଳ କୃଷକ ନୁହେଁ, ସାଧାରଣ ଖାଉଟୀଙ୍କ ସ୍ୱାର୍ଥରକ୍ଷା ପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ। ପିଆଜ ଦର ବଢ଼ିଲେ କୋଟି କୋଟି ଖାଉଟୀ ହନ୍ତସନ୍ତ ହେବେ।

“

*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ।*

# ବିଶ୍ୱ ସମସ୍ୟା


॥ ଅଲେଖ ଚନ୍ଦ୍ର ସାମଲ ॥


ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିଦ୍ଧ ଏ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।


ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୬୧୨୩


# ମା'କ୍ଷୀର ଅମୃତ


॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥


ମା' କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧରେ ଭାରତ ଅନ୍ୟତମ।

ଶିଶୁକୁ ୬ମାସ ବୟସ ହେବା ଯାଏଁ ମା କ୍ଷୀର ତା ପାଇଁ ସର୍ବୋତ୍ତମ ଆହାର। ଏହି ସମୟ ଯାଏଁ ତଥା ଏହି ସମୟ ପରେ ବି ଶିଶୁକୁ ସ୍ତନ୍ୟପାନ କରାଇବା ନିହାତି ଦରକାର। ନିହାତି ଦରକାର ନହେଲେ ଏହି ସମୟ ମଧରେ ଶିଶୁକୁ ଅନ୍ୟ କୌଣସି କ୍ଷୀର, ଖାଦ୍ୟ, ପାନୀୟ କିମ୍ବା ପାଣି ଦେବା ଦରକାର ହୁଏ ନାହିଁ। ଜନ୍ମ ହେବାର ଅଧ ଘଣ୍ଟାରୁ ଏକ ଘଣ୍ଟା ମଧରେ ଶିଶୁକୁ ଯେତେ ଶୀଘ୍ର ସମ୍ଭବ ସ୍ତନ୍ୟପାନ କରାଇବା ଉଚିତ। ଶିଶୁ ଜନ୍ମ ହେବାର ପ୍ରଥମ ଦୁଇ-ତିନି ଦିନ ଭିତରେ ମା'ର ପ୍ରଥମ ହଳଦିଆ ତଥା ଈଷତ୍ ହଳଦିଆ ରଙ୍ଗର କ୍ଷୀର ପିଆଇବା ଖୁବ୍ ଜରୁରୀ। ଏହି କ୍ଷୀରକୁ କୋଲେଷ୍ଟ୍ରମ୍ କୁହାଯାଏ। ଏଥିରେ ପିଲା ପାଇଁ ଉପାଦେୟ ଅନେକ ପ୍ରକାରର ଭିଟାମିନ୍ ଭରି ରହିଥାଏ। ଶିଶୁ ଜନ୍ମ ହେବାପରେ ପ୍ରଥମ ଥର ସନ୍ତ୍ୟପାନ କରାଇବା ପୂର୍ବରୁ ତାକୁ ଅନ୍ୟ କୌଣସି ଜିନିଷ ପିଇବାକୁ ଦେବା ଅନୁଚିତ। ପିଲା ଜନ୍ମ ହେବାପରେ ତାକୁ ଅନ୍ୟ ଜିନିଷ ଦେବା ପାଇଁ କେତେକ କୁହନ୍ତି କିନ୍ତୁ ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେବା ଭଲ। ଏହି ସମୟ ମଧରେ କ୍ଷୀର ବଦଳରେ କେହି କେହି ମହୁ ଚାଟନ୍ତି। ଏପରି କରିବା ଶିଶୁ ପାଇଁ କ୍ଷତିକାରକ। କିଛି ନିର୍ଦ୍ଦିଷ୍ଟ ରୋଗ ଯେମିତିକି ଏଡ଼ସ୍ କିମ୍ବା ବ୍ରେଷ୍ଟ କ୍ୟାନସର ଆଦି ରୋଗକୁ ବାଦଦେଇ ଅନ୍ୟାନ୍ୟ ରୋଗ ଭୋଗୁଥିବା ବେଳେ ଆପଣ ବିନା ଦ୍ୱିଧାରେ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ଏହାଦ୍ୱାରା ଆପଣଙ୍କର ଶିଶୁର କୌଣସି କ୍ଷତି ହେବନାହିଁ। ଆପଣ ଚାହିଁଲେ ଦୁଇବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ଯାଏଁ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ବଟଲରେ କ୍ଷୀର ପିଆଇବେ ନାହିଁ। କାରଣ ଅନେକ ସମୟରେ ବଟଲରେ ପିଇବା ଦ୍ୱାରା ଶିଶୁର କ୍ଷତି ହୁଏ। ଶିଶୁର ତରଳ ଝାଡ଼ା ହେବାପାଇଁ ବଟଲ ହିଁ ଅନେକାଂଶରେ ଦାୟୀ। ଶିଶୁକୁ ସଠିକ୍ ଭାବେ ୬ମାସ ଯାଏଁ ସ୍ତନ୍ୟପାନ କରାଇବା ପରେ ଅନ୍ୟ ଖାଦ୍ୟ ଦେବା ଉଚିତ। ବଜାରରେ ମିଳୁଥିବା ଖାଦ୍ୟ ତୁଳନାରେ ଘର ତିଆରି ଖାଦ୍ୟ ଶିଶୁ ପାଇଁ ଅପେକ୍ଷାକୃତ ଭଲ।

ବ୍ରେଷ୍ଟ ଫିଡିଂ ଶିଶୁପାଇଁ କାହିଁକି ଭଲ : ମା' କ୍ଷୀରରେ ଯଥେଷ୍ଟ କ୍ୟାଲୋରୀ ରହିଛି। ଏହା ଶିଶୁକୁ ସଠିକ୍ ମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, ଲାକଟୋଜ, ଭିଟାମିନ୍ ଆଇରନ, ମିନେରାଲ, ପାଣି ଏବଂ ଏନଜାଇମ ଯୋଗାଇଥାଏ। ଯାହା ଶିଶୁର ବିକାଶ ପାଇଁ ଖୁବ୍ ଦରକାର। ମା' କ୍ଷୀରରେ ଆଇରନ, ଭିଟାମିନ୍ ଡି, ଭିଟାମିନ୍ ଏ, ସି ଏବଂ ଇ ଭରି ରହିଥାଏ। ଯାହା ଗାଈ କ୍ଷୀରରେ ନଥାଏ। ମା' କ୍ଷୀର ସ୍ୱଚ୍ଛ, ବ୍ୟାକ୍ଟେରିଆ ମୁକ୍ତ ଏବଂ ଏଥିରେ ଆଣ୍ଟି ଇନଫେକ୍ଟିଭ ପ୍ରପର୍ଟି ଭରି ରହିଛି। ମା' କ୍ଷୀରରେ ଏପରି ଏକ ଉପାଦାନ ଅଛି ଯାହା ଶିଶୁର ପତଳା ଝାଡ଼ା ପ୍ରତିରୋଧ କରିପାରେ। ମା' କ୍ଷୀରର ଆଉ ଏକ ଉପକାରିତା ହେଲା ଇଛା ହେଲା ମାତ୍ରେ ଶିଶୁକୁ ଖୁଆଇ ପାରିବେ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ସମୟ ଦରକାର ହୁଏନାହିଁ। ଏବଂ ଏହାକୁ ଗରମ କିମ୍ବା ଥଣ୍ଡା କରିବାକୁ ପଡ଼େ ନାହିଁ। ଏଥିପାଇଁ ମା'କୁ ନିଜ ଖାଦ୍ୟ ବ୍ୟତୀତ ଆଉ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ ଏବଂ ଏଥିରେ ରୋଗ ସଂକ୍ରମଣର ଆଶଙ୍କା ନଥାଏ। ବରଂ ଶିଶୁର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ଏହା ସାହାଯ୍ୟ କରେ। ମା'କ୍ଷୀର ନବଜାତ ଶିଶୁ ଓ ମା' ମଧରେ ଭାବନାତ୍ମକ ସଂପର୍କ ଦୃଢ଼ କରେ। ଶିଶୁକୁ ବ୍ରେଷ୍ଟଫିଡ଼ିଂ କରାଇବା ବେଳେ ଶିଶୁପ୍ରତି ମା'ର ଆବେଗ, ଭଲ ପାଇବା ଆହୁରି ଗଭୀର ହୁଏ। ଶିଶୁକୁ ପରିଣତ ବୟସ ପର୍ଯ୍ୟନ୍ତ ସଠିକ ମାତ୍ରାରେ ସନ୍ତ୍ୟପାନ କରାଇଲେ ବୟସ ହେବାପରେ ଡାଏବେଟିସ, ହୃଦରୋଗ, ଏକଜିମା, ଆସ୍ତମା ଏବଂ ଅନ୍ୟାନ୍ୟ ଆଲର୍ଜି ଜନୀତ ରୋଗର ଆଶଙ୍କା କମିଯାଏ। ସଠିକ ଭାବେ ସ୍ତନ୍ୟପାନ କରିଥିବା ଶିଶୁମାନଙ୍କ ମସ୍ତିଷ୍କ ସକ୍ରୀୟ ରହେ। ସେମାନେ ବୁଦ୍ଧିଆ ହୁଅନ୍ତି।

ବ୍ରେଷ୍ଟ ଫିଡ଼ିଂର ଉପକାରିତା : ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ପ୍ରସବ ପରବର୍ତ୍ତୀ ରକ୍ତ କ୍ଷରଣ ଏବଂ ଆନିମିଆ ହେବାର ଆଶଙ୍କା କମ କରେ। ଶିଶୁକୁ ସଠିକ ପରିମାଣରେ ବ୍ରେଷ୍ଟ ଫିଡିଂ କରାଇଲେ ମେଦ ବହୁଳତା ହେବାର ଆଶଙ୍କା ମଧ କମି ସାଧାରଣ ସ୍ୱାସ୍ଥ୍ୟ ଫେରିଆସେ। ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇଲେ ଅବାଞ୍ଛିତ ଗର୍ଭ ଧାରଣର ଆଶଙ୍କା କମିଯାଏ। ବ୍ରେଷ୍ଟ ଫିଡ଼ିଂର ଆଉ ଏକ ଉପକାରିତା ହେଲା ଏହା ବ୍ରେଷ୍ଟ ତଥା ଓଭାରିଆନ କ୍ୟାନସର ଆଶଙ୍କାକୁ ବହୁ ପରିମାଣରେ କମ୍ କରେ। ଯଦି ଆପଣ ଶିଶୁକୁ ନିୟମିତ ଭାବେ ଏବଂ ଅଧିକ ଥର ସ୍ତନ୍ୟପାନ କରାଇବେ ତା'ହେଲେ ଶିଶୁ ସହିତ ଆପଣଙ୍କର ମାନସିକ ସ୍ତରରେ ବୁଝାମଣା ମଧ ଠିକ୍ ରହିବ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬


# ଅନୁଚିନ୍ତନରେ ଦେବଭାଷା ସଂସ୍କୃତ


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥


ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପୃତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ। ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା। ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି। ଏହି ଭାଷା ଏବେ ବିଲୁପ୍ତ ପ୍ରାୟ। ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ। ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାତ୍ତୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ। ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି। ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼। ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାତ୍ତୁର୍ ଗାଁକୁ। ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ। ସ୍ଥାନୀୟ ଲୋକେ ମଧ ଆଗ୍ରହରେ ତାହା ଗ୍ରହଣ କଲେ। ଏମିତି ଜଣେ ଅନ୍ୟକୁ ଶିଖାଇଲା। ପିଲାମାନେ ବି ଶିଖିଲେ। କିଛି ବର୍ଷ ମଧରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ। ମାତ୍ତୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି। ପୁଣି ମଧ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ। ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି। ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ୍ୟୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି। ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ। ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ। ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ। ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍। ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନାଁ ବିଭାଗ ଅଛି ନାଁ କର୍ମବୃତ୍ତି। ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି। ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍। ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା। ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା। ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି। ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା। ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ। ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ। ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି। କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ। ଆସନ୍ତୁ ଆଜିପରି ଏକ ଅନୁଚିନ୍ତନର ଦିବସରେ ସଂସ୍କୃତର ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ। ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା। ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନିର୍ଭର କରେ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଥମିବାର ନାଁ ନେଉନି ଝାଡ଼ବନ୍ଧ ଗୋଷ୍ଠୀ ବିବାଦ, ଦୀର୍ଘ ୫ବର୍ଷ ଧରି ବନ୍ଦ୍ ହୋଇଛି ମା କତାମାଶୁଣିଙ୍କ ଯାତ୍ରା



ହିନ୍ଦୋଳ(ମହାଭାରତ)ଗତ ୫ ବର୍ଷ ଧରି ଝାଡ଼ବନ୍ଧ ଗ୍ରାମରେ ଗୋଷ୍ଠୀ ବିବାଦ ଯୋଗୁଁ ମା କତାମାଶୁଣି ଙ୍କ ବନ୍ଦ ରହିଥିଲା ।ଫଳରେ ଗ୍ରାମର ଯୁବଗୋଷ୍ଠୀ ଗ୍ରାମରେ ଶାନ୍ତି ଫେରାଇ ଆଣିବା ଏବଂ ପୌଷ ମହୋତ୍ସବ ଯାତ୍ରା ପୁନଃ କରିବା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।ଫଳରେ ବ୍ଲକ ପ୍ରଶାସନ ୯ ତାରିଖ ସୋମବାର ଦିନ ବାଲିମି ଥାନାର ଅଭ୍ୟର୍ଥନା ଗୃହରେ ଏକ ଶାନ୍ତି କମିଟି ବୈଠକ ଡାକିଥିଲେ ।ଏଥିରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ ସେଠୀ, ବାଲିମି ଥାନା ଅଧିକାରୀ ଅମିତ ବିଶ୍ୱାଳ, ଗାଲପଡ଼ା ସରପ□ ନର୍ମଦା ସେଠୀ, ଝାଡ଼ବନ୍ଧ ଯୁବ ଗୋଷ୍ଠୀ ସଭାପତି ସୁଶାନ୍ତ ସେନାପତି, ଗ୍ରାମରେ ଦୁଇ ଗୋଷ୍ଠୀର ସଭାପତି ଅଥୟ ସାହୁ ଏବଂ ଅନ୍ତର୍ଯ୍ୟାମୀ ସାହୁ ଏବଂ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ ଯୁବ ଗୋଷ୍ଠୀ ମାଧରେ ମାଙ୍କ ପୌଷ ମହୋତ୍ସବ ଓ ଯାତ୍ରା ଏକତ୍ରିତ ହୋଇ କରିବାକୁ ପରାମର୍ଶ ଦେଇଥିଲେ ।ଏଥିରେ ଗୋଟିଏ ଗୋଷ୍ଠୀ ସମ୍ମତି ପ୍ରକାଶ କରିଥିବା ବେଳେ ଏହାକୁ ବିରୋଧ କରି ଅଧାରୁ ପ୍ରଶାସନିକ ଅଧିକାରୀ ଙ୍କୁ ବେଖାତିରି କରି ପଳାଇ ଆସିଥିଲେ। ପ୍ରଶାସନ ପକ୍ଷରୁ ୯୦ ପ୍ରତିଶତ ଲୋକ ଯାତ୍ରା ପାଇଁ ଇଛୁକ ଥିବାରୁ ଯେମିତି ହେଲେ ସେମାନଙ୍କୁ ବୁଝାଯାଇ ସାମୂହିକ ଭାବେ ପୌଷ ମହୋତ୍ସବ ଯାତ୍ରା କରାଯିବ ବୋଲି ଯୁବ ଗୋଷ୍ଠୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଝାଡ଼ବନ୍ଧ ଗାଁର ଗୋଷ୍ଠୀ ବିବାଦ ଆଗକୁ କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

## ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ

କୋରାପୁଟ ଜିଲ୍ଲା ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରର ପଞ୍ଚତ୍ରିଂଶତତମ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ବିପ୍ର ଚରଣ ପଣ୍ଡା, ଅବସର ପ୍ରାପ୍ତ ଶାରିରୀକ ଶିକ୍ଷା ନିରୀକ୍ଷକ, କୋରାପୁଟ ଏବଂ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଏବଂ ଶ୍ରୀଯୁକ୍ତ ତପନ କିରଣ ତ୍ରିପାଠୀ, ବିଦ୍ୟାଳୟର ଯୁଗ୍ମ ସଂପାଦକ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମୂହିକ ସଂଗୀତ ଶିଶୁଙ୍କ ଦ୍ୱାରା ଗାନ କରାଯାଇଥିଲା । ଏହା ପରେ ବିଭିନ୍ନ ପ୍ରକାର ରଂଗମ□ କାର୍ଯ୍ୟକ୍ରମ ଯେପରିକି ପିରାମିଡ୍, ଏବଂ ବିଭିନ୍ନ ଶାରିରୀକ କ୍ରୀଡ଼ା ପ୍ରଦର୍ଶନ ଶିଶୁଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପତାକା ଉ□ୋଳନ ପୂର୍ବକ କ୍ରୀଡ଼ା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ଯ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶିଶୁଙ୍କୁ କ୍ରୀଡ଼ାର ମହ□ ସଂପର୍କରେ କୁହାଯିବା ସହ ଜାତୀୟ ସ୍ତରରେ ଶିଶୁମାନେ କିପରି ଭାଗ ନେଇ ପାରିବେ ତଥା ନିଜ ଦେଶର କୀର୍ତ୍ତି ରଖିବା ସହିତ ନିଜ ଶରୀରକୁ କିପରି ସୁସ୍ଥ ଏବଂ ବଳିଷ୍ଠ କରିପାରିବେ ସେ ବିଷୟରେ ଶିଶୁଙ୍କୁ ଧାରଣା ଦିଆଯାଇଥିଲା। ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା ଶିଶୁଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ ହେବା ପାଇଁ ନିଜର ଅଭିଭାଷଣ ମାଧ୍ୟମରେ ଉତ୍ସାହ ପ୍ରଦାନ କରିଥିଲେ। ଶିଶୁମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ତଥା ଦୌଡ଼, ଲମ୍ବଡ଼ିଆଁ, ଉଚ୍ଚ ଡ଼ିଆଁ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା ଇତ୍ୟାଦିରେ ଅଂଶ ଗ୍ରହଣ କରି ନିଜର ଖେଳ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଉତ୍ସାହ ପୂର୍ବକ ଶିଶୁମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହାର ସମାରୋପ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ତପନ କିରଣ ତ୍ରିପାଠୀ ଉପସ୍ଥିତ ରହି କ୍ରୀଡ଼ା ଉତ୍ସବର ସମାରୋପ ଘୋଷଣା କରିବା ସହିତ ଧ୍ୱଜ ଅବତରଣ ଏବଂ ଜ୍ୟୋତି ନିର୍ବାପନ କରିଥିଲେ । ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପ୍ରଧାନ ଖେଳର ପରିଚାଳନା ଦାୟିତ୍ୱରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଅନ୍ୟ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଖେଳ ପରିଚାଳନାରେ ଯଥୋଚିତ ସହଯୋଗ କରିଥିଲେ । ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ତା୦୯/୧୨/୨୦୨୪ ରିଖ ଏବଂ ତା୧୦-୧୨-୨୦୨୪ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗିମାନଙ୍କୁ ଭାରତୀୟ ଭାଷା ଦିବସ ଅବସରରେ ଆଗାମୀ ତା ୧୧-୧୨-୨୦୨୪ରିଖ ଦିନ ପୁରସ୍କାର



## ଜୁନାଗଡ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଅନୁଷ୍ଠିତ

କଳାହାଣ୍ଡି /ମହାଭାରତ : କଳାହାଣ୍ଡି ଜିଲ୍ଲା ଜୁନାଗଡ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି ।ଦୁଇ ଦିନ ଧରି ଏହି କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି । ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବୀଣାପାଣି ସାମନ୍ତଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ମେହେର ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ରଂଜନ କୁମାର ପଣ୍ଡା ଯୋଗଦାନ କରିଥିଲେ। ଏହି ବାର୍ଷିକ କ୍ରୀଡାରେ ଲମ୍ବା ଡିଆଁ,ଉଚ୍ଚ ଡିଆଁ, ଡିସ୍କସ୍ ଥ୍ରୋ,ପୁଚି,ସଟପୁଟ ପରି ବିଭିନ୍ନ ଦୌଡ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଲକ୍ଷ୍ମୀଧର ବୋଡକିଆ,ରଞ୍ଜୁବାଳା ରଥ,ଅଜିତ ସତନାମି,ରାଜୁ କାନ୍ତ ସାହୁ,ଶଙ୍କରା ଭୋଇ,ଲୋପାମୁଦ୍ରା ମହାନ୍ତି,ବିନୋଦିନି ବେହେରା,ସ୍ୱର୍ଣ୍ଣପ୍ରଭା ସାହୁ,ବିଭୂତି ନାଏକ, ପ୍ରଜ୍ଞାପ୍ରଭା ପ୍ରଧାନ,ଝରଣା ଦୂର୍ଗା,ତିଲୋ□ମା ନାଏକ,ରତ୍ନମାଳା କର,ହରିପ୍ରିୟା ଭୋଇ, ଜୟନ୍ତି ଶବର, ପୁଷ୍ପାଞ୍ଜଳି ଶବର, ପୁଷ୍ପା ମହାର,ମୁକ୍ତା ମାଝୀ ତଥା ବିଦ୍ୟାଳୟର ସମସ୍ତଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଖେଳ ଶିକ୍ଷକ ଆଶୁତୋଷ ସାହୁ,ବିଜୟ ନାଏକ,ସୁଶାନ୍ତ କୁମାର ଦଳେଇ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ଘନଶ୍ୟାମ ଉପସ୍ଥିତ ରହି ନାଏକ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

# ରାସ୍ତା ସାଜିଛି ମରଣ ଯନ୍ତା , ଲୋକେ ହେଉଛନ୍ତି ହନ୍ତସନ୍ତ

କୋଇଡା(ମହାଭାରତ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଟି ହେଉଛି ଖଣି ଖାଦାନ ଭରା ଅଞ୍ଚଳ । ରାଜ୍ୟ ସରକାରଙ୍କ ଟ୍ରେଜେରିର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା କୋଇଡା ଖଣି ଅଞ୍ଚଳର ବିଭିନ୍ନ ସମସ୍ୟା ର ସମାଧାନ ହୋଇପାରୁନି ନା ଜାଣିଶୁଣି କରାଯାଉ ନାହିଁ ତାହା କେହି ବୁଝିପାରୁ ନାହାଁନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଏହି ଅଞ୍ଚଳରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇଥାନ୍ତି। ଯେଉଁ ଅଞ୍ଚଳରୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଇଥାନ୍ତି ସେହି ଅଞ୍ଚଳ ପ୍ରତି ଏତେ ଅଣଦେଖା କଣ ପାଇଁ କରୁଛନ୍ତି ? ତେହେରେଇ ଛକ ଠାରୁ ମଣ୍ଡଯୋଡ଼ା ଯାଇଥିବା ମୁଖ୍ୟ ରାସ୍ତାରେ ଗମନା ଗମନର ସୁବିଧା ସଠିକ ଭାବେ ହୋଇପାରୁ ନ ଥିବାରୁ ପ୍ରତ୍ୟେକ ଦିନ ଲୋକମାନେ ନିଜ ଜୀବନ ସହ ଖେଳ ଖେଳିବାକୁ ବାଧ ହୁଅନ୍ତି । କାରଣ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ବେଳେ ରାସ୍ତାର ମଝିରେ ମଝିରେ ବଡ଼ ବଡ଼ ଖାଲ ହୋଇଯାଇଛି । ଅସରାଏ ବର୍ଷା ହେଲେ ସେହି ସବୁ ଖାଲ ଗୁଡିକରେ ବର୍ଷା ପାଣି ଜମି ରହିଥାଏ । ବଡ଼ ବଡ଼ ମାଲବାହୀ ଗାଡ଼ି ଏହି ରାସ୍ତାରେ ଯାଉଥିବାରୁ ରାସ୍ତାର ଅବସ୍ଥା ନ କହିବା ଭଲ । ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକଟି ପରାଧିନତା ଅବସ୍ଥାରେ ଦିନ କାଟୁଛି । ଗ୍ରାଉଣ୍ଡ ଜିରୋ ରେପୋର୍ଟ ଅନୁସାରେ ମାସେ କି ଦୁଇ ମାସ ନୁହେଁ ଏହି ଅ□ଳରେ ଗମନା ଗମନ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହୁଛି ଏହାର କୌଣସି ସମାଧନ ହୋଇପାରୁ ନାହିଁ । ଏହି ରାସ୍ତାର ସମସ୍ୟା ବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲା ପରେ ମଧ୍ୟ କିଛି ସମାଧାନ ହୋଇପାରୁ ନାହିଁ । ଯଥା ପୂର୍ବଂ ତଥା ପରଂ । କୋଇଡା ବ୍ଲକର ତେହେରେଇ ଛକ ଠାରୁ ମଣ୍ଡଯୋଡ଼ା ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାର ଅବସ୍ଥା ଅତି ଶୋଚନୀୟ ଭାବେ ପଡ଼ିରହିଛି । ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ମାଲବାହୀ ଗାଡ଼ି ଯିବା ଆସିବା କରିଥାନ୍ତି । ପ୍ରତ୍ୟେକ ଦିନ ବଡ଼ ବଡ ବାବୁ ମାନେ ଏହି ରାସ୍ତା ଦେଇ ଯିବା ଆସିବା କରୁଥିଲେ ମଧ୍ୟ କାହାରି ନଜର ପଡୁନି ନା ଜାଣିଶୁଣି ଅଣଦେଖା କରାଯାଉଛି ଏହି ଶୋଚନୀୟ ରାସ୍ତା ଉପରେ । କାରଣ ବଡ଼ ବଡ଼ ସରକାରୀ ବାବୁମାନେ ବଡ଼ ବଡ ଗାଡ଼ିରେ ଯିବା ଆସିବା କରୁଥିବାରୁ ସେମାନଙ୍କୁ ଏହି ରାସ୍ତାର ସମସ୍ୟା ଦେଖାଯାଉ ନାହିଁ । ସାଧାରଣ ଲୋକଟିଏ ବାଇକ ରେ ଯିବା ବହୁ କଷ୍ଟକର ହେଉଥିବା ବେଳେ ପଥଚାରୀ କଥା ନ କହିବା ଭଲ। କୋଇଡା ରେ ଚିକିତ୍ସାର ଭଲ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ସମସ୍ୟା ହେଉଥିବାରୁ ପରିବାର ଲୋକେ ଅଧିକ ଚିକିତ୍ସା ନିମନ୍ତେ ରାଉରକେଲା , କେନ୍ଦୁଝର , କଟକ, ଭୁବନେଶ୍ୱର ମେଡିକାଲ ଉପରେ ଭରସା କରିଥାନ୍ତି । କିନ୍ତୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଥିବାରୁ ରୋଗୀ ଠିକ ସମୟରେ ମେଡିକାଲ ପହଞ୍ଚି ନ ପାରି ରାସ୍ତା ରେ ପ୍ରାଣ ହରାଉଥିବା ଦେଖିବାକୁ ମିଳିଛି । ରାସ୍ତା ଖରାପ ଥିବାରୁ ଲୋକମାନେ ଠିକ ସମୟରେ ଗନ୍ତବ୍ୟ ସ୍ଥଳରେ ନ ପହଁ□ ବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ହେଲେ ଏଠି ପ୍ରଶ୍ନ ଉଙ୍କି ମାରୁଛି ଯେଉଁ ଅଞ୍ଚଳରୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି ସେହି ଅଞ୍ଚଳ ପ୍ରତି ଏତେ ଅଣଦେଖା କଣ ପାଇଁ ? କେବେ ସ୍ୱାଧୀନ ହେବ ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ? ସମସ୍ୟା ର ସମାଧାନ କେବେ ହେବ ? କେବେ ପାଇବେ ଲୋକେ ଗମନ ଗମନ ସୁବିଧା ? କେବଳ ଦେଖିବାକୁ ବାକି ରହିଲା ସରକାଙ୍କ ର ଶୁଭ ଦୃଷ୍ଟି କେବେ ପଡୁଛି ଏହି ରାସ୍ତା ଉପରେ ? ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଏହାର ସମାଧାନ କରି ଜନ ସାଧାରଣଙ୍କ ଗମନା ଗମନର ବ୍ୟବସ୍ଥା କରିବାକୁ ଦାବି ହେଉଛି ।

### ଗ୍ୟାସ ସିଲିଣ୍ଡରକୁ ନେଇ ଯୋଗାଣ ବିଭାଗର ଚଢ଼ାଉ

## ଉଭୟ ବ୍ଲକରୁ ଜବତ ହେଲା ୭ଗୋଟି ସିଲିଣ୍ଡର



ଅସ୍ତରଙ୍ଗ,ମହାଭାରତ,ଆକ୍ସନ ମୁଡ଼ ରେ ଅସ୍ତରଙ୍ଗ ଯୋଗାଣ ବିଭାଗ, ପ୍ରଥମେ ଆଳୁ କଳାବଜାରୀ ଉପରେ ଚଢ଼ାଉ ଏବେ ଗ୍ୟାସ ସିଲିଣ୍ଡର । ଆଜି ପୁରୀ ଜିଲ୍ଲା ଯୋଗାଣ ବିଭାଗ ର ୫ ଜଣିଆ ସ୍ୱତନ୍ତ୍ର ଟିମ୍ କାକଟପୁର ଅସ୍ତରଙ୍ଗ ବଜାର ରେ ବିଭିନ୍ନ ଗ୍ୟାସ ଚୁଲ୍ଲା ମରାମତି କେନ୍ଦ୍ର, ଗ୍ୟାସ ଏଜେନ୍ସି, ଓ ବଡ଼ ବଡ଼ ହୋଟେଲ ଉପରେ ଅତର୍କିତ ଚଢ଼ାଉ କରିବା ସହ ଚାରିଗୋଟି ଘରୋଇ ବ୍ୟବହୃତ ସିଲିଣ୍ଡର ଏକ ହୋଟେଲ ରୁ ଜବତ କରିବା ସହ ରଖ କରିଛି ବିଭାଗ । ସୂଚନା ଅନୁଯାୟୀ ଘରୋଇ ଗ୍ୟାସ ସିଲିଣ୍ଡର ୧୪. ୨ କେଜି କୁ ୮୩୯ ଟଙ୍କା ୫୦ ପଇସା ରହିଛି, ଏହା ୨ ଗୋଟି ପର୍ଯ୍ୟାୟ ଭୁକ୍ତ ଯଥା ସରକାର ଙ୍କ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ଏଥିରେ ୩୦୦ ଟଙ୍କା ସବସିଡି ପାଇବା ବେଳେ ସାଧାରଣ ହିତାଧିକାରୀ ୧୭ ଟଙ୍କା ଫେରସ୍ତ ପାଉଛନ୍ତି, ଠିକ ସେହିଭଳି ବ୍ୟବସାୟିକ ଅନୁଷ୍ଠାନ ପାଇଁ ଉପଲବ୍ଧି ଗ୍ୟାସ ସିଲିଣ୍ଡର ୧୯ କେଜି କୁ ୧୮୯୦ ଟଙ୍କା ରହିଛି ଯାହାକୁ କେବଳ ବ୍ୟବସାୟୀ ମାନେ ବ୍ୟବହୃତ କରିବେ ଓ ସେହିହିସାବରେ ସରକାର ଙ୍କୁ ଟିକସ ମଧ୍ୟ ଦେଉଛନ୍ତି କିନ୍ତୁ ଅସ୍ତରଙ୍ଗ ଅଞ୍ଚଳ ରେ କିଛି ହୋଟେଲ ବ୍ୟବସାୟୀ କମ ପଇସା ରେ ଘରୋଇ ଗ୍ୟାସ ସିଲିଣ୍ଡର କ୍ରୟ କରି ତାହାକୁ ନିଜ ବ୍ୟବସାୟ ରେ ଲଗାଇଛନ୍ତି ଯାହା ସମ୍ପୂର୍ଣ୍ଣ ବେଆଇନ । ଆଉ କିଛି ଦୋକାନ ମାନଙ୍କ ରେ ଗ୍ୟାସ ଚୁଲ୍ଲା ମରାମତି ହେଉଥିବା ବେଳେ ସେଠି କଳାବଜାର ରେ ଗ୍ୟାସ ରିଫିଲିଙ୍ଗ ମଧ୍ୟ ହେଉଛି, ଏହାକୁ ନେଇ ବିଭିନ୍ନ ସମୟ ରେ ଅଭିଯୋଗ ହେଇଆସୁଥିଲା, ଏହି ଅଭିଯୋଗ କୁ ଭିତ୍ତି କରି ଆଜି ପୁରୀ ଜିଲ୍ଲା ଏସିଏସଓ ଜି ପ୍ରଶାନ୍ତ ରାଓ, ଅତିରିକ୍ତ ପୁରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ, କାକଟପୁର ଯୋଗାଣ ନିରୀକ୍ଷକ ଦେବଜ୍ୟୋତି ଦାସ, ଅସ୍ତରଙ୍ଗ ଯୋଗାଣ ଅଧିକାରୀ ଶିବ ପ୍ରସାଦ ମହାନ୍ତି, ପୁରୀ ସଦର ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠି ସମୁଦାୟ ପାଞ୍ଚ ଜଣିଆ ଟିମ୍ ହଟାତ ବଜାର ରେ ଚଢ଼ାଉ କରିଥିଲେ । ଏହି ସମୟ ରେ ଅସ୍ତରଙ୍ଗ ବଜାର ରେ ଏକ ନିର୍ଦ୍ଦିଷ୍ଟ ହୋଟେଲ ରେ ପ୍ରବେଶ କରି ସେଠୁ ୪ ଗୋଟି ଘରୋଇ ସିଲିଣ୍ଡର ଜବତ କରିଛନ୍ତି, ସେଥିରୁ ୨ ଗୋଟି ହିନ୍ଦୁସ୍ତାନ ଗ୍ୟାସ ଓ ୨ ଗୋଟି ଭାରତ ଗ୍ୟାସ ରହିଛି, ଜବତ କରି ଦୋକାନ ମ୍ୟାନେଜର ଙ୍କ ଠୁ ଜମାନବନ୍ଦୀ ନେବା ପରେ ନିକଟରେ ଥିବା ପ୍ରିୟାସୁ ଗ୍ୟାସ ଏଜେନ୍ସି ରେ ଜମା ରଖିଛନ୍ତି, କାକଟପୁର ରେ ଏକ ଫାଷ୍ଟ ଫୁଡ ଦୋକାନ ରେ ଚଢ଼ାଉ କରି ୩ ଗୋଟି ଘରୋଇ ସିଲିଣ୍ଡର ଜବତ କରି ନିକଟସ୍ଥ ମା ମଙ୍ଗଳା ଏଜେନ୍ସି ରେ ଜମା ଦିଆଯାଇଛି ।ଏଥି ସହିତ ସବୁ ବ୍ୟବସାୟୀ ଙ୍କୁ ସଚେତନତା କରାଇଛନ୍ତି ସମସ୍ତେ ସରକାର ଙ୍କ ନିୟମ ଅନୁସାରେ ଗ୍ୟାସ ବ୍ୟବହାର କରନ୍ତୁ ନଚେତ ଆଗାମୀ ଦିନ ମାନଙ୍କ ରେ ଏହିଭଳି ଚଢ଼ାଉ ଜାରି ରହିବ ।

## ମାନସ ରଞ୍ଜନ ପାତ୍ର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ□ଉଦ୍‌ଘାଟିତ



କୋକସରା,(ମହାଭାରତ):କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଡ଼ଙ୍ଗରୀଗୁଡା ଖେଳ ପଡିଆ ଠାରେ ମାନସ ରଞ୍ଜନ ପାତ୍ର ମେମୋରିଆଲ ସପ୍ତ ଦିବସୀ। ଫୁଟବଲ ଟୁର୍ଣ୍ଣାମେଣ୍ଟ□ ବସୁନ୍ଧାରୀ ଯୁବକ ସଂଘ ଡ଼ଙ୍ଗରୀଗୁଡା ଆନୁକୂଲ୍ୟରେ ମଙ୍ଗଳବାର ଉଦଘାଟିତ ହୋଇଛି। ଉଦଘାଟନୀ ଦିବସର ପ୍ରଥମ ଖେଳ ଧର୍ମଗଡ଼ ଓ କର୍ଲାକୋଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ୨/୧ ଗୋଲ ସ୍କୋର କରି ବିଜୟୀ ହୋଇଛି ।ଦ୍ୱିତୀୟ ଖେଳ ଭଇଁରୀଗୁଡା ଓ ଦାସିଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲାୟ ଏଥିରେ ଭଇଁରୀଗୁଡା ୩/୦ ଗୋଲ ସ୍କୋର କରି ବିଜୟୀ ହୋଇଛି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ପାତ୍ର,ସ୍ୱର୍ଗତ ମାନସ ରଞ୍ଜନଙ୍କ ପିତା ଅବସର ପ୍ରାପ୍ତ ଖେଳ ଶିକ୍ଷକ କୃପାସିନ୍ଧୁ ପାତ୍ର, ମାତା ପ୍ରମୋଦିନୀ ପାତ୍ର, ରେଙ୍ଗାଲପାଲି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଅଶୋକ ଭୋଇ, ବାଳକୃଷ୍ଣ ନାଏକ, ବିଦ୍ୟାଧର ମାଝୀ ପ୍ରମୁଖ ମଞ୍ଚାସିନ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ଶିକ୍ଷକ ନବୀନ କୁମାର ବର୍ଗତି ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ୍ ଭାବେ ରାଜ କୁମାର ହେର୍ଣ୍ଣା ଓ କୁଞ୍ଜବିହାରୀ ମାଝୀ ସହଯୋଗ କରିଥିଲେୟ ବାବୁଲାଲ ଶବର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।ଏହି ଟୁର୍ଣ୍ଣମେଣ୍ଟରେ ବସୁନ୍ଧାରୀ ଯୁବକ ସଂଘ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

### ମହାଭାରତ ର ମହାପ୍ରଭାବ

## ଖବର ପ୍ରସାରଣ ପରେ ପହଞ୍ଚିଲା ସହାୟତା



କାକଟପୁର,ମହାଭାରତ - କାକଟପୁର ବ୍ଲକ ଲତାହରଣ ଗ୍ରାମ ରେ ପନ୍ଦେଇ ଦେଇ, ଜଣେ ଅସହାୟ ଓ ଗରିବ, ଆବାସ କହିଲେ ମାଟିଝଟି ନୁଆଁଣିଆ ଚାଳଘର, ଆଜକୁ ୨ ବର୍ଷ ତଳେ ତାଙ୍କ ସ୍ୱାମୀ ଜଳେନ୍ଦ୍ର ମଲ୍ଲିକ ଯିଏ ଜଣେ ଦିନମଜୁରିଆ ତାଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ର ଏକମାତ୍ର ରୋଜଗାରିଆ ପୁଅ ଯିଏ ୧୫ ବର୍ଷ ତଳେ ହାଇଦ୍ରାବାଦ ସହର କୁ ଦାଦନ ଖଟିବାକୁ ଯାଇଥିଲେ । ଦୁର୍ଘଟଣା ର ଶିକାର ହୋଇ ଘରେ ପକ୍ଷାଘାତ ଅବସ୍ଥା ରେ ପଡି ପଡି ଡିସେମ୍ବର ୩ ତାରିଖ ରେ ଆଖିବୁଜିଥିଲେ। ଆସନ୍ତା ୧୩ ତାରିଖ ଦିନ ତାଙ୍କ ପୁଅ ର ଅନ୍ତେଷ୍ଟିକ୍ରିୟା ପାଇଁ ଦୁଆର ଦୁଆର ବୁଲି ଭିକ୍ଷା କରୁଛନ୍ତି ପ□ଇ ଦେଇ, ତାଙ୍କ ର ଜମିବାଡ଼ି କିଛି ନାହିଁ କି କୌଣସି ଅନ୍ୟ ରୋଜଗାର ପ୍ୟା ବି ନାହିଁ, ସରକାରୀ ସାହାଯ୍ୟ କହିଲେ କେବଳ ବିଧବା ଭତ୍ତା । ଏହି ଘଟଣା କୁ ନେଇ ଆମେ ଏକ ଖବରପ୍ରସାରଣ କରିଥିଲୁ, ଏହି ଖବର ପ୍ରସାରଣ ପରେ ଅସ୍ତରଙ୍ଗ ର ବହୁସମିଳିତ ଯୁଭ ଚାରିଟେବୁଲ ଟ୍ରଷ୍ଟ ର କର୍ମକର୍ତ୍ତା ମାନେ ଲତାହରଣ ଗ୍ରାମ ରେ ପହଞ୍ଚି ଗ୍ରାମବାସି ଙ୍କ ଉପସ୍ଥିତ ରେ ପନ୍ଦେଇ ଦେଇ ଙ୍କ ପୁଅ ଶୁଦ୍ଧିକ୍ରିୟା ପାଇଁ ରାସନ ସାମଗ୍ରୀ ଓ କିଛି ଅର୍ଥ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ଚାରିଟେବୁଲ ଟ୍ରଷ୍ଟ ର ସଭାପତି ସୁଶାନ୍ତ କୁମାର ପରିଡା, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଉପସଭାପତି ସୁବାଷ ଚନ୍ଦ୍ର ବେଉରା, ସହସମ୍ପାଦକ ବିଚିତ୍ର ଓଝା, ଗୋପ ବ୍ଲକ ଶିମିଳି ପଞ୍ଚାୟତ ର ପୂର୍ବତନ ସରପ□ ଭାସ୍କର ସେଟ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପନ୍ଦେଇ ଦେଇ ଙ୍କ ପୁଅ ପ୍ରଫୁଲ୍ଲମଲ୍ଲିକ ଙ୍କ ଅମର ଆତ୍ମା ର ସଦଗତି ପାଇଁ ନିରବ ପାର୍ଥନା କରିବା ସହ ଆମ ଖବର କାଗଜ ସଂସ୍ଥା କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ପର୍ଯ୍ୟଟନ ଋତୁର ଆଗମନରେ ସଜେଇ ହେଲାଣି ସାପୁଆ ଡ୍ୟାମ

ହିନ୍ଦୋଳ(ମହାଭାରତ)ଜଳ ଭଣ୍ଡାରର ନୀଳ ଜଳରାଶି ସାଙ୍ଗକୁ ଶାଳ ଅରଣ୍ୟର ଶାନ୍ତ ପରିବେଶ ସତେ ଯେପରି ପ୍ରକୃତି ରାଣୀ ଏଠାରେ ସବୁକିଛି ଅଜାଡ଼ି ଦେଇଛି। ଯାହାର ଶୋଭା ସହରୀ ମଣିଷକୁ ଅଧିକ ଆକୃଷ୍ଟ କରୁଛି ।ତେବେ ଭୁବନେଶ୍ୱର ଠାରୁ ୯୦ କିଲୋମିଟର ଏବଂ ଢେଙ୍କାନାଳ ଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଘଞ୍ଚ ଅରଣ୍ୟ ମଧ୍ୟରେ ରହିଛି ଏହି ପର୍ଯ୍ୟଟନ ସ୍ଥଳୀ ଯାହାର ନାମ ସାପୁଆ।୧୯୯୨ ମସିହାରେ ଜଳସେଚନ ଉଦ୍ଦେଶ୍ୟରେ ତିଆରି ହୋଇଥିଲା ଏହି ଡ୍ୟାମ୍। ଯାହାର ମନଲୋଭା ଦୃଶ୍ୟ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ସହ ଧିରେ ଧିରେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲା ସାପୁଆ ଡ୍ୟାମ୍। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ଅବସ୍ଥିତ ଏହି ସାପୁଆ ଡ୍ୟାମଟି ସାପ ସଦୃଶ ଦେଖାଯାଇଥାଏ ।ଯାହା ଏବେ ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣର ପେଣ୍ଠସ୍ଥଳୀ ପାଲଟିଛିୟ ଡ୍ୟାମ୍ ରେ ଗାଧୋଇବା ସହ ବଣଭୋଜି କରି ସୌନ୍ଦର୍ଯ୍ୟକୁ ବେଶ୍ ଉପଭୋଗ କରନ୍ତି ପର୍ଯ୍ୟଟକ। ତେବେ ଏହି ଶୀତଦିନେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ପର୍ଯ୍ୟଟକ ନିଜର ପରିବାର ଏବଂ ବନ୍ଧୁବାନ୍ଧଙ୍କ ସହିତ ଏଠାରେ ବଣଭୋଜି କରିବାକୁ ଆସି ଥାଆନ୍ତି। ତେବେ ଏହି ସ୍ଥାନରେ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କଡାକଡି କରାଗଲେ ପର୍ଯ୍ୟଟକ ମାନେ ନିଜକୁ ସୁରକ୍ଷିତ ମନେ କରିବେ ବୋଲି କହିଛନ୍ତି।

### ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତରେ ଆଉ କରିପାରିବେ ନାହିଁ ରାଜ୍

## କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଚେଇଁ ଉଠିଛି ପଞ୍ଚାୟତ ରାଜ୍ ବିଭାଗ

ଓଡ଼ଗାଁ, ( ମହାଭାରତ ) : ସରପଞ୍ଚ ଙ୍କ ସ୍ୱାମୀ ପଞ୍ଚାୟତରେ ଆଉ କରିପାରିବେ ନାହିଁ ରାଜ୍। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଚେଇଁ ଉଠିଛି ପଞ୍ଚାୟତ ରାଜ୍ ବିଭାଗ। ଏଣୀକି ପଞ୍ଚାୟତରେ ମହିଳା ସରପ□ ହୋଇଥିଲେ ନିଜ କାମ ନିଜେ ତୁଲାଇବେ। ସରପଞ୍ଚଙ୍କ ପ୍ରତିନିଧି କୌଣସି କାମ କରିବେ ନାହିଁ। ଏନେଇ କୌଣସି ଅଭିଯୋଗ ଆସିଥିଲେ ଜିଲ୍ଲାପାଳ କରିବେ ତଦନ୍ତ। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ନୟାଗଡ଼ ଓଡ଼ଗାଁ ବ୍ଲକ୍ ଆରଡ଼ା ପଞ୍ଚାୟତର ସରପଞ୍ଚ ସାରଦା ଦୋରାଙ୍କ ବିରୁଦ୍ଧରେ। ତାଙ୍କ



ସ୍ୱାମୀ ପଞ୍ଚାୟତ କାର୍ଯ୍ୟାଳୟ ରେ ପଶି ମନମୁଖୀ କାର୍ଯ୍ୟ କରୁଥିବା ଭଳି ଅଭିଯୋଗ ଆସିବା ସହ ସରପ□ ଙ୍କ ବିରୋଧ ରେ ଅନାସ୍ଥା ପ୍ରସ୍ତାବ ଆଣି ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପଞ୍ଚାୟତର ୮ ଜଣ ୱାର୍ଡ଼ ମେମ୍ବର। ପଞ୍ଚାୟତ ନିର୍ବାଚନର ଅଢେଇ ବର୍ଷ କାର୍ଯ୍ୟକାଳ ଭିତରେ ଆରଡା ପଞ୍ଚାୟତରେ କୌଣସି ବିକାଶ ମୂଳକ କାର୍ଯ୍ୟ ନକରିବା ଏବଂ ଅସହଯୋଗ କରିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା ମାନେ। ସେମାନେ ସରପଞ୍ଚ ସାରଦା ଦୋରାଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ଦାବି କରିଛନ୍ତି। ଏପରିକି ସରପଞ୍ଚ ପଞ୍ଚାୟତ ବୈଠକରେ ୱାର୍ଡ଼ ସଭ୍ୟ ସଭ୍ୟାଙ୍କୁ ସରପଞ୍ଚ ସାରଦା ଦୋରାଙ୍କ ସ୍ୱାମୀ ଅଶ୍ଲିଳ ଭାଷା ଲଗାଇ ଗାଳି କରିବା ସହ ଧମକ ଚମକ ଦେଉଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି। ସରପଞ୍ଚ ସାରଦା ଦୋରା ପଞ୍ଚାୟତ ଅଫିସ୍ କୁ ଆସୁନଥିବା ବେଳେ ତାଙ୍କ ସ୍ୱାମୀ ସରପଞ୍ଚଙ୍କ ସମସ୍ତ କାର୍ଯ୍ୟ କରୁଥିବା ପଞ୍ଚାୟତର ୱାର୍ଡ ମେମ୍ବର ମାନେ ଅଭିଯୋଗ କରିଛନ୍ତ। ସୂଚନା ଅନୁଯାୟୀ ଆରଡା ପଞ୍ଚାୟତ ଟି ୧୨ ଟି ୱାର୍ଡ କୁ ନେଇ ଗଠିତ। ଏଥି ମଧ୍ୟରୁ ଦୁଇଟି ୱାର୍ଡ ରେ କେହି ପ୍ରାର୍ଥୀ ନଥିବାରୁ ସେହି ଦୁଇଟି ୱାର୍ଡ ରେ ନିର୍ବାଚନ ହୋଇନଥିବା ବେଳେ ସରପ□ ମନମୁଖୀ କାର୍ଯ୍ୟ ରେ ଅସନ୍ତୋଷ ପ୍ରକାଶ କରିଛନ୍ତି ୱାର୍ଡ ମେମ୍ବର ମାନେୟ ପଞ୍ଚାୟତ ବୈଠକରେ ସରପ□ ସାରଦା ଦୋରାଙ୍କ ବିରୋଧ ୮ ଜଣ ୱାର୍ଡ ମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ଆଇନ୍ ଅନୁଯାୟୀ ସରକାରୀ ସ୍ତରରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ଭେଟି ଦାବି ପାତ୍ର ପ୍ରଦାନ କରିଛନ୍ତି ୱାର୍ଡ ମେମ୍ବର ମାନେ। ସେପଟେ ଉପ ଜିଲ୍ଲାପାଳ କହିଛନ୍ତି ଅଭିଯୋଗ ମିଳିଛି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବୟ ସେପଟେ ଅଭିଯୋଗ କୁ ଖଣ୍ଡନ କରିଛନ୍ତି ସରପଞ୍ଚ ସାରଦା ଦୋରା।

## ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ବଡ଼ବେରଣା ପଂଚାୟତ ଅନ୍ତର୍ଗତ କୋଲୁହା ପାଟଣା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗ ଦେଇ ୫ ପ୍ରକାର ନିଆଁ ଅଙ୍ଗାରଜାତୀୟ ନିଆଁ,ତୈଳ ଜାତୀୟ ନିଆଁ, ଗ୍ୟାସ ଜାତୀୟ,ଧାତୁ ଜାତୀୟ ଓ ରୋଷେଇ ଜାତୀୟ ନିଆଁ ସମ୍ପର୍କରେ ଛାତ୍ରଛାତ୍ରୀ, ଅଙ୍ଗନ୍ୱାଡ଼ି କର୍ମୀ, ମହିଳା ଗୋଷ୍ଠୀ ଓ ସଚେତନ ନାଗରିକ ମାନଙ୍କୁ ସଚେତନ କରିଥିଲେ । ପରେ ସିଲିଣ୍ଡର ଗ୍ୟାସ ନିଆଁ,ତୈଳ ନିଆଁ ଲିଭାଇବା ପାଇଁ ଫୋମର ବ୍ୟବହାର ଓ ପାଣିରେ ବୁଡ଼ି ଯିବା ସମୟରେ ସେଫଟି କିଟ ଆଦି ବ୍ୟବହାର କରିବା ସମ୍ପର୍କରେ ଅଗ୍ନିଶମ କର୍ମଚାରୀ ମାନେ କୌଶଳ ପ୍ରଦର୍ଶନ କରିଥିଲେ । ଶେଷରେ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା, ମାନସ ରଞ୍ଜନ ପଣ୍ଡା ଓ ସୁବ୍ରତ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ରାସ୍ତା କଡରେ ମାଂସ କଟା କୁ ନେଇ ଜିଲ୍ଲାପାଳ ଙ୍କୁ ଅବଗତ କଲେ ବିଦ୍ୟାଳୟ କର୍ତ୍ତୃପକ୍ଷ

ଯୋଡା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଜୁରୁଡି ଅଞ୍ଚଳରେ ଥିବା ବହୁ ପୁରାତନ ବିଦ୍ୟାଳୟ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ କୁ ଯିବା ରାସ୍ତା ରେ ଖାସି ଏବଂ କୁକୁଡା ମାଂସ କଟା ହେଉଥିବା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ କୁ ଅବଗତ କରାଇ ଏହାର ପ୍ରତିକାର ନିମନ୍ତେ ଚିଠି ଲେଖିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟ କୁ ଯାଇଥିବା ରାସ୍ତା ଟି ଅଣ ଓସାରିଆ ହେବା ସହିତ ରାସ୍ତା କଡରେ ଦୁଇ ତିନୋଟି ମାଂସ ଦୋକାନ ଖୋଲାଯାଇ ପ୍ରତିଦିନ ଖୋଲାଖୋଲି ଭାବେ କୁକୁଡା ଏବଂ ଖାସି କାଟୁଛନ୍ତି। ଏହି ରାସ୍ତା ଟି ବିଦ୍ୟାଳୟ ନିମନ୍ତେ ଗୋଟିଏ ମାତ୍ର ରାସ୍ତା ହୋଇଥିବା ବେଳେ ଦୈନିକ କୋମଳମତି ଛାତ୍ରଛାତ୍ରୀ ଏହି ରାସ୍ତା ରେ ଯାତାୟତ କରନ୍ତି। ଖୋଲାଖୋଲି ଭାବେ ମାଂସ କଟା ସେମାନଙ୍କ ନଜର କୁ ଆସୁଥିବା ହେତୁ ଏହା ସେମାନଙ୍କ ମାନସିକ ଏବଂ ବୌଦ୍ଧିକ ବିକାଶ ରେ ବାଧାପ୍ରାପ୍ତ ହେବା ସହ କଟା ଯାଉଥିବା କୁକୁଡା ଏବଂ ଖାସି ମାନଙ୍କ କରୁଣ ଚିତ୍କାର ଶୁଣି ଶୁଣି ବିରକ୍ତି ଭାବ ପ୍ରକାଶ କରୁଛନ୍ତି ।ଯାହା ଆଗକୁ ତାଙ୍କ ଉପରେ ଖରାପ ପ୍ରଭାବ ପକାଇବ। ତେଣୁ ସେସବୁ ମାଂସ ଦୋକାନ ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଗଲେ ଛାତ୍ରଛାତ୍ରୀ ମାନେ ଆରାମ ରେ ବିଦ୍ୟାଳୟ କୁ ଯିବା ଆସିବା କରି ପାରିବେ ଏବଂ ତାଙ୍କ ମନରେ କୌଣସି ଖରାପ ପ୍ରଭାବ ପଡିବ ନାହିଁ।

## ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦର କାର୍ଯ୍ୟକ୍ରମ ସଂପର୍କର ନଦୀତୀରେ ଅନୁଷ୍ଠିତ



ଓଡ଼ାପଡ଼ା(ମହାଭାରତ):ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ପୁଣ୍ୟତୋୟା ବ୍ରାହ୍ମଣୀ ସନ୍ନିକଟ ନାଧରା ସ୍ଥିତ ମା ରାମଚଣ୍ଡୀ ପୀଠ ଠାରେ ବ୍ରଜନାଥ ବଡ଼ଜେନା ସାହିତ୍ୟ ପରିଷଦ ଢେଙ୍କାନାଳର ଚତୁର୍ଥ ସାମ୍ବତ୍ସରିକ ଉତ୍ସବ' ସମ୍ପର୍କର ନଦୀତୀରେ'' କାର୍ଯ୍ୟକ୍ରମ ସଭାପତି କବିଜ୍ୟୋତି ନିରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଉତ୍ସବକୁ ମଧୁମୟ ଓ ଭାବମୟ କରିବା ପାଇଁ ରଶ୍ମିତା ରାଉତ ,ଲୀଳାବତୀ ପରିଡ଼ା, ଦେବୀ ପ୍ରସାଦ ନାୟକ ଓ ପୁରୁଷୋ□ମ ସିଂହ ସାମନ୍ତଙ୍କ ସଂଯୋଜନାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ କବି କବୟିତ୍ରୀମାନେ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିବା ସହ ଭକ୍ତିମୟ ପରିବେଶ ସୃଷ୍ଟି କରିଥଲେ । ଯାହାକୁ ବରିଷ୍ଠ କବି ବିନୟ କୁମାର ସାମଲ ଅତି ଚମତ୍କାର ଢଙ୍ଗରେ ସମୀକ୍ଷା କରି ଥିଲେ । ଭାଷା ସାହିତ୍ୟ କୁ ସମ୍ମାନ ଜଣାଇ ସମ୍ପାଦକ ରାହାସ କୁମାର ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଓ ବିବରଣୀ ପାଠ କରିଥିଲେ । ମୂଖ୍ୟଅତିଥି ଭାବରେ ପ୍ରଫେସର ଶାନ୍ତନୁ କୁମାର ସର ଓଡିଆ ଅସ୍ମିତା ପ୍ରସଙ୍ଗରେ ସ୍ୱୀୟ ଅଭିଭାଷଣ ଦେବା ସହ ବେଶୀ ପଢ଼ିବା ଓ କମ୍ ଲେଖିବାକୁ ଆହ୍ୱାନ କରିଥଲେ, ସେହିପରି ମୂଖ୍ୟବକ୍ତା ଡ଼ଃ ସଦାନନ୍ଦ ପରିଡ଼ା, ଓଡିଆ ସାହିତ୍ୟ ଓ ମାତୃଶକ୍ତି ଶୀର୍ଷକ ପ୍ରସଙ୍ଗକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଥିବା ବେଳେ ।ଉପଦେଷ୍ଟା ପଣ୍ଡିତ ବିପିନ ବିହାରୀ ଶତପଥୀ, ଭୀମନଗରୀ ରାମଚଣ୍ଡୀଙ୍କ ମହିମା ଗାନ,ସମ୍ମାନୀତ ଅତିଥି ଶଙ୍କର୍ଷଣ ଶତପଥୀ କଲମ ମୁନ ଜାତିର ଜୀବନ ବୋଲି ଉପସ୍ଥାପନ କରିଥଲେ ଓ ଅନୁରୂପ ଭାବେ ପ୍ରଧ୍ୟାପକ୍ ରମେଶ ଚନ୍ଦ୍ର ସାହୁ ଜଗନ୍ନାଥ ସଂସ୍କୃତିର ରୁପରେଖ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏତବ୍ ବ୍ୟତୀତ କବି ଦେବୀପ୍ରାସାଦ ନାୟଙ୍କ' ସେଲୁନ୍ ପାଖେ ବେଲୁନ୍ ବାଲା 'ଓ ଶ୍ରଦ୍ଧାଞ୍ଜଳୀ ନାୟକଙ୍କ ' ସିଲଟ' କବିତା ପୁସ୍ତକ ଲୋକାର୍ପଣ ହୋଇଥଲା ।ପରିଶେଷରେ ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ବର୍ଣ୍ଟନ

ବାଲିପାଟଣା( ମହାଭାରତ)-:ବାଲିପାଟଣା ବ୍ଲକ ଅନ୍ତର୍ଗତ କୁଲନ୍ତିରା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ମା' ଭୁବାସିନୀ ଚାରିଟେବୁଲ ଟ୍ରଷ୍ଟ ଏବଂ ପର୍ଶୁରାମ ସେବା ସଂଗଠନ ମିଳିତ ଉଦ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ସହିତ ଖାଦ୍ୟ ସାମଗ୍ରୀ ବ□ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା' ଭୁବାସିନୀ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ପର୍ଶୁରାମ ସେବା ସଂଗଠନର ସଭାପତି ରାଜେନ୍ଦ୍ର କୁମାର ମହାନ୍ତି, ସଂପାଦକ ଚନ୍ଦ୍ର ଶେଖର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅତିଥି ମାନେ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ, ଖାଦ୍ୟ ସାମଗ୍ରୀ , ପାଣି ବୋତଲ ଆଦି ବର୍ଣ୍ଟନ କରିବା ସହ ଉତ୍ତମ ଭାବେ ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେୟ ଟ୍ରଷ୍ଟ ର ଏପରି ମହାନ୍ କାର୍ଯ୍ୟକ୍ରମ କୁ ସ୍ଥାନୀୟ ଜନସାଧାରଣ ବହୁ ପ୍ରଶଂସା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ,ପ୍ରଦୀପ ଭୋଳ,ସୁଶାନ୍ତ ଭୋଳ,ବିଶ୍ୱଜିତ୍ ଭୋଳ,ପ୍ରଶାନ୍ତ ଭୋଳ, ଆଲୋକ ରଂଜନ ଭୋଳ,ଜୀବନ ଜ୍ୟୋତି ପଣ୍ଡା ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ହେଲମେଟ ଚେକିଂ ନା ରେ ଫଟୋଉତ୍ତୋଳନ

# ବଢୁଛି ବୁଦ୍ଧିଜୀବୀ ଙ୍କ ମାନସିକ ଅଶାନ୍ତି

ଅସ୍ତରଙ୍ଗ(ମହାଭାରତ)-ଅସ୍ତରଙ୍ଗ ପୁଲିସର ରାସ୍ତା ଉପରେ ଗାଡିମଟର ଯାଞ୍ଚ ହେଉ ବା ହେଲମେଣ୍ଟ ଚେକିଂ ଆଳରେ ଗାଡିର ଫଟୋ ଉତ୍ତୋଳନ କରିବାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି ଗତକାଲି ରବିବାର ଛୁଟିଦିନରେ ମୁଖ୍ୟ ରାସ୍ତାର ମଦ ଦୋକାନ ନିକଟରେ ମାଳ ମାଳ ପୁଲିସ ଛିଡା ହୋଇ ହେଲଣ୍ଟ ପିନ୍ଧିନଥିବା ଚାଳକକୁ ଅଟକାଇ ଶହ ଶହ ଗାଡିର ଜବରଦସ୍ତ ଫଟୋ ଉତ୍ତୋଳନ କରିଥିଲେ। ଜଣେ କି ଦୁଇଜଣ ନୁହେଁ ବରଂ ୮ରୁ ୧୦ ଜଣ ପୁଲିସ କର୍ମଚାରୀ ସେମାନଙ୍କ ମୋବାଇଲରେ ଗୋଟିଏ ଗୋଟିଏ ଗାଡିର ଏକକାଳୀନ ଫଟୋ ଉତ୍ତୋଳନକୁ ନେଇ ବିଭିନ୍ନ ମହଲରୁ ଭିନ୍ନ ଭିନ୍ନ ପ୍ରତିକ୍ରିୟା ବି ମିଳୁଛି ସାଧାରଣ ଲୋକେ କହିବା କଥା,ବଜାର ଠାରୁ ଦୂରରେ ମୁଖ୍ୟ ରାସ୍ତା ଉପରେ ପୁଲିସ ଗାଡିମଟର ଚେକିଂ କରୁ,ଆମାନିଆକୁ ସାବାଡ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ କିନ୍ତୁ ଅସ୍ତରଙ୍ଗ ମୁଖ୍ୟ ବଜାର ଉପରେ ଲକ୍ଷାଧିକ ଲୋକ ନିର୍ଭର କରୁଥିଲା ବେଳେ ପ୍ରତିମୁହୂର୍ତ୍ତରେ ଯିବାଆସିବା କରିଥାନ୍ତି କାହାର ଘର ବଜାର ଠାରୁ ୨ କିମି ତ ଅନ୍ୟ କାହାର ୫ରୁ ୧୦ କିମି ଅଟେ ସବୁଦିନିଆ ହାଟବଜାରକୁ ଯିବାକୁ ସାଧାରଣତଃ ବିନା ହେଲମେ□ରେ ଗାଡି ଚଳାଇ ଯିବାଆସିବା ସାଧାରଣ କଥା ଅଟେ ସେ ଥାନା ଛକ ହେଉ ବା ଭଉଁରିଆଁ ସେତୁ କିମ୍ବା କୁହୁଡି ସିନେମା ହଲ୍ ଛକ ଯାହା ହାଟ ବଜାରର ଅତି ନିକଟବର୍ତ୍ତୀ ଅଟେ ଏହି ସବୁସ୍ଥାନରେ ଗାଡି ଚାଳକକୁ ଅଟକାଇ ଅସ୍ତରଙ୍ଗ ପୁଲିସ ଗାଡିମଟର ଯାଞ୍ଚ ହେଉ ବା ହେଲମେଟ ଚେକିଂରେ ଗାଡିର ଫଟୋ ଉତ୍ତୋଳନ କରିବା ଲୋକଙ୍କ ଉପରେ ବିଶେଷ ପ୍ରଭାବ ପଡୁଛି ଏଭଳି ପରିସ୍ଥିତିରେ ଆଗରେ ହେଲମେଟ ଚେକିଂ ହେଉଥିବା ଶୁଣି ଭୟରେ ବାଟରେ କିଏ ଅଟକୁଛି ତ ଅନ୍ୟ କିଏ ସେହି ବାଟ ଦେଇ ପୁନଶ୍ଚ ଘରକୁ ଫେରିବାବେଳକୁ ବିଭିନ୍ନ ଦୋକାନ ନିକଟରେ ଅଟକିଥିଲା କିଏ ଜରୁରି କାମରେ ତ,ଅନ୍ୟ କିଏ ହାଟବଜାର କିମ୍ବା ଚିକିତ୍ସା ପାଇଁ ହଠାତ୍ ଅସ୍ତରଙ୍ଗ ମେଡିକାଲକୁ ଯିବାରେ ବିଳମ୍ବ ହେବା ବହୁ ଲୋକଙ୍କ ମୁହଁରୁ ଶୁଣିବକୁ ମିଳିଛି ବେଳେ ବେଳେ ଅସ୍ତରଙ୍ଗରେ କାର୍ଯ୍ୟରତ ସାମ୍ବାଦିକମାନେ ବି ସମସ୍ୟାର ସମ୍ମୁଖୀନ ହେବା ନଜିର ରହିଛି। ହେଲମେ□ ପିନ୍ଧି ଗାଡି ଚଳାଇବା ଓ ରାସ୍ତାର ବାମ ପାର୍ଶ୍ୱରେ ଯିବା ପାଇଁ ନିୟମ ତ ରହିଛି । କିନ୍ତୁ ଗ୍ରାମା□ଳରେ ବହୁ ସମୟରେ ଏହି ନିୟମ ସମ୍ଭବ ନୁହେଁ ଯାହା ଏକଥା କେହି ଅସ୍ୱୀକାର କରିପାରିବେନି ଅନ୍ୟପକ୍ଷରେ ଘର ଠାରୁ ୨ରୁ ୩ କିମି ବା ନିତିଦିନିଆ ବଜାରକୁ ଯିବା ପାଇଁ ବିନା ହେଲମେଟରେ ଗାଡି ଚଳାଇ ଲୋକେ ଯାତାୟାତ କରିଥାନ୍ତି। ବଜାର ମଧ୍ୟରେ ଗତକାଲି ପୁଲିସର ହେଲମେ□ ଚେକିଂ ବନାମ ଫଟୋ ଉତ୍ତୋଳନ ଉପରେ ବଜାର ସଭାପତି ଦୁଷ୍ମନ୍ତ ପରିଡା ସମେତ ଅନ୍ୟମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି ।ପୁଲିସର ଏତାଦୃଶ୍ୟ କାର୍ଯ୍ୟରେ ଲୋକଙ୍କର ଭୟ ବଢିବା ସହ ସାଧାରଣ ଲୋକଙ୍କ ଉପରେ ଟ୍ୟାକ୍ସର ଚାପ ବଢୁଛି। ରାତିରେ ଆମାନିଆକୁ ସାବଡ଼ କରିବାକୁ ପୁଲିସର ପେଟ୍ରୋଲିନ ନାହିଁ, ପୁଲିସ ନିଜର ଟାର୍ଗେଟ ପୂରଣ କରିବା ପାଇଁ ଦିନବେଳା ହାଟବଜାରକୁ ଆସୁଥିବା ଲୋକଙ୍କ ଉପରେ ଦାଉ ସାଜି ହେଲମେ□ ଆଳରେ ଫାଇନ୍ କାଟୁଛି ରାତିରେ ମଦଦୋକାନ ନିକଟରେ ମାଳ ମାଳ ଗାଡି ପାର୍କିଂ କରି ମୁଖ୍ୟ ରାସ୍ତାକୁ ଜାମ୍ କରିବା, ନିଶାରେ ମୁସୁଗୁଲ ଥିବା ମଦୁଆଙ୍କ ରାସ୍ତା ଉପରେ ଗାଳିମନ୍ଦ ,ଏଜେଣ୍ଟମାନେ ସ୍କୁଟିରେ ମଦ ଗାଁ ଗାଁକୁ ବୋହୁଥିଲେ ମଧ୍ୟ ପୁଲିସର ନଜର ପଡୁନି ପୁଲିସକୁ ଏ ବିଷୟରେ ସୂଚନା ଦେଲେ ମଧ୍ୟ ସେ ନିଦା ବିଷ୍ଣୁ ପାଲଟି ସାଧାରଣ ଗରିବ ଲୋକଙ୍କ ଠାରୁ ହେଲଣ୍ଟ ନାଁରେ ଫାଇନ୍ କାଟିବାରେ ସେମାନେ ଅର୍ଥଦଣ୍ଡ ଗଣୁଛକନ୍ତି ବୋଲି ବଜାର ସଭାପତି ଶ୍ରୀ ପରିଡା ସମେତ ବହୁ ବ୍ୟକ୍ତି ଏଭଳି ମନ୍ତବ୍ୟ ରଖିଛନ୍ତି ।



## ମହିଳା ଙ୍କ ପ୍ରତି ହିଂସା ନିରାକରଣ ସଚେତନତା ପକ୍ଷ ପାଳନ

ଦେବଗଡ଼(ମହାଭାରତ) ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ବିଶ୍ୱମୋହନ ମିଶ୍ରଙ୍କ, ଅଧକ୍ଷତାରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ନିରାକରଣ ସଚେତନତା ପକ୍ଷ ପାଳନ ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର,ଡି ଏଲ ଏସ ଏ ର ରିମାଣ୍ଡ ଆଡଭୋକେଟ ରାଜକିଶୋର ପ୍ରଧାନ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବାରକୋଟ ଅଧୀକ୍ଷକ ଡ଼ା ବାବୁ ସିଂ, ପ୍ରମୁଖ ଯୋଗ ଦେଇଥିଲେ। ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ଉତ୍ପୀଡନ ମୁକ୍ତ ସମାଜରେ ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅମାନଙ୍କର ମୌଳିକ ଅଧିକାର ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପୁର୍ବରୁ ଏ ଏନ୍ ଏମ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ଲୋଗାନ ପ୍ରତିଯୋଗିତାରେ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ପ୍ରଥମ ଶିଖା ମହାନ୍ତି, ଦୃତି। ପଲ୍ଲବୀ ମହାପାତ୍ର, ତୃତୀୟ ଇପସୀତା ସାହୁ, ଙ୍କୁ ମାନ ପତ୍ର ଦେଇ ସମ୍ମାନୀତ କରିଥିଲେୟ ବୈଠକ ରେ ଏ ଏନ୍ ଏମ ଟି ସି ର ଛାତ୍ରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଓ ସଖୀ କେନ୍ଦ୍ର ରୁ ଆସିଥିବା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେୟ ସଭାକୁ ଭାରପ୍ରାପ୍ତ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପରିଚାଳନା କରିଥିଲେ।



## ପାରାଦୀପ ମହାବିଦ୍ୟାଳୟ ଏନସିସି ପୁରାତନ ଛାତ୍ର ସଙ୍ଘ ର ବାର୍ଷିକ ଉତ୍ସବ ଅନୁଷ୍ଠିତ

ପାରାଦୀପ(ମହାଭାରତ)ପାରାଦୀପ ମହାବିଦ୍ୟାଳୟ ର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ପ୍ରାକ୍ତନ ଛାତ୍ର ସଙ୍ଘ (ଆଲୁମୁନି ଆସୋସିଏସନ) ର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଦିନ ମହାବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି ।ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରାକ୍ତନ ଓ ବର୍ତମାନ ର ଏନସିସି କ୍ୟାଡେଟ ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ପାରାଦୀପ ମହାବିଦ୍ୟାଳୟ ର ଏନସିସି ଅଧିକାରୀ ଲେଫ୍ଟନା□ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧି, ଓଡିଶା ତୃତୀୟ ନାଭାଲ ୟୁନିଟ ର ପ୍ରାକ୍ତନ କମାଣ୍ଡିଙ୍ଗ ଅଫିସର କ୍ୟାପଟେନ ପ୍ରଶାନ୍ତ କୁମାର ନାୟକ, ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥି, ଭାରତୀୟ ତଟରକ୍ଷୀ ବାହିନୀ ର ଡେପୁଟି କମାଣ୍ଡା□ ଡି.ଏନ.ମାଣ୍ଡି, ପୂର୍ବତନ ନୌସେନା ଅଧିକାରୀ ବିଭୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ଅତିଥି ମାନେ ଉତ୍ସବ କୁ ଉପଭୋଗ କରିବା ସହିତ କ୍ୟାଡେଟ ମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ କୁ ଉଚ୍ଚ ପ୍ରଶଂସା କରିଥିଲେ । ଏନସିସି ପୁରାତନ ଛାତ୍ର ସଙ୍ଘ ର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ସଂଘ ର ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଶେଷରେ ସଙ୍ଘ ର ସମ୍ପାଦକ ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ କ୍ୟାଡେଟ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ବହୁ ସଂଖ୍ୟାରେ ଏନସିସି ଅଧିକାରୀ, ବନ୍ଦର ଅଧିକାରୀ, ମହାବିଦ୍ୟାଳୟ ର ଅଧ୍ୟାପକ, ଅଧ୍ୟାପିକା, ପ୍ରାକ୍ତନ ଓ ବର୍ତମାନ ର କ୍ୟାଡେଟ ଉପସ୍ଥିତ ଥିଲେ ।

## ଖଡ଼ିଆଳ ରିଧିମିକ୍ସ ଡାନ୍ସ ହବ ର ଏକ ଦିବସୀୟ ଡାନ୍ସ ୱାର୍କସପ ସଂପନ୍ନ



ଖଡ଼ିଆଳ:(ମହାଭାରତ) ନୂଆପଡା ଜିଲ୍ଲା ଖଡ଼ିଆଳ ରିଧିମିକ୍ସ ଡାନ୍ସ ହବ ନିର୍ଦ୍ଦେଶକ ପ୍ରଖ୍ୟାତ ଡାନ୍ସର ଦେବୀଲାଲ ସାହୁ,ସମ୍ପାଦକ ମୋହିତ ରଞ୍ଜନ ନାୟକ ଙ୍କ ତତ୍ତ୍ୱାବଧାନ ରେ ଖଡ଼ିଆଳ ଅଗ୍ରସେନ ଭବନ ଠାରେ ଏକ ଦିବାସୀୟ ଡାନ୍ସ ୱାର୍କସପ ସଫଳତା ସହ ସଂପନ୍ନ ହୋଇଯାଇଛି । ୱାର୍କସପ ରେ ନେସନାଲ ଟେଲିଭିଜନ ରିୟାଲେଟି ଶୋ ରେ ନିଜ ଜଲୱା ଦେଖାଇଥିବା ବଲିଉଡ, ହଲିଉଡ଼,ହିପପ,କମେ ପେରି,ଚାମ ଡାନ୍ସ,ବେଲିଡାନ୍ସ ଭଳି ଏକାଧିକ ଡାନ୍ସ ର ଦକ୍ଷତା ସଂପନ୍ନ ଡାନ୍ସ ଗୁରୁ ସୁଦୂର ଦିଲ୍ଲୀ ରୁ ହିମାଂଶୁ ଶର୍ମା ଯୋଗଦେଇ ଡାନ୍ସ ତାଲିମ ପ୍ରଦାନ କରିଛନ୍ତି । ୱାର୍କସପ ରେ ୧୫୦ ରୁ ଉର୍ଦ୍ଧ ଯୁବକ ଯୁବତୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରିଛନ୍ତି । ନୂଆପଡା ଜ୍ୱିଲ୍ଲା ତଥା ଖଡ଼ିଆଳ ଅଞ୍ଚଳରେ ସମ୍ବଲପୁରୀ, ଆଦିବାସୀ,ଆଞ୍ଚଳିକ ଲୋକ ନୃତ୍ୟ ବିସ୍ତାର ହେଉଥିବା ବେଳେ, ଆଧୁନିକ ସଭ୍ୟତାର ବଲିଉଡ, ହଲିଉଡ଼, ହିପପ, କଣ୍ଟେମପେରି, ବେଲିଡାନ୍ସ ଭଳି ରିଏଲିଟିଶୋ ଟିଭି ପରଦାରେ ଝଲସି ଉଠୁଥିବା ଡାନ୍ସର ପ୍ରଭାବ ଖଡ଼ିଆଳ ଅଞ୍ଚଳରେ ନାହିଁ । ଏହାର ପ୍ରଚାର ପ୍ରସାର କରି ନବାଗତ ଯୁବପିଢି ଙ୍କୁ ବଲିଉଡ,ହଲିଉଡ଼ ଭଳି ଅତ୍ୟାଧୁନିକ ଡାନ୍ସ ପ୍ରଶିକ୍ଷଣ ଦେଇ ରିଆଲିଟି ଶୋ ରେ ଠିଆକରାଇବା ଖଡ଼ିଆଳ ଡାନ୍ସ ହବ ର ମୂଳ ଲକ୍ଷ୍ୟ ବୋଲି ନିର୍ଦ୍ଦେଶକ ଦେବୀଲାଲ ସାହୁ ପ୍ରକାଶ କରିଛନ୍ତି । ୱାର୍କସପ ସକାଳ ୧୦ ଘଣ୍ଟା ରୁ ଆରମ୍ଭ ହୋଇ ରାତ୍ର ୯ ଘଣ୍ଟାରେ ଶେଷ ହୋଇଛି। ୱାର୍କସପ ଆୟୋଜନ କରିବାରେ ତନ ମନ ଧନ ସହକାରେ ସାହାଯ୍ୟର ହାତ ବଢ଼ାଇଛନ୍ତି ଖଡ଼ିଆଳ ସ୍ଥିତ ରିସବ କଲେକ୍ସନ, ଜଗଦମ୍ବା ଅଟୋମୋବାଇଲ, ଆପନା କିଚେନ, ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ, ଆର୍ଶିବାଦ କମ୍ପୁଟର । ୱାର୍କସପ ରେ ଅତିଥିଭାବରେ ବିଶିଷ୍ଟ କୋରିଓଗ୍ରାଫର ସାମ୍ବାଦିକ ମୋତିଲାଲ ବାଗ,ସମାଜସେବୀ ଅର୍ଚ୍ଚନା ଗୋୟଲ,ସଂଗୀତା ବଂସଲ, ଜିରାକ ତାଣ୍ଡି,ସ୍ୱାଗତ କୁମାର ସାହୁ ଯୋଗଦେଇ ଉଦବୋଧନ ଦେଇଥିଲେ । ସଂଧ୍ୟା କାଳୀନ କାର୍ଯ୍ୟକ୍ରମରେ ଡାନ୍ସ ତାଲିମ ପ୍ରାପ୍ତ ଯୁବକ ଯୁବତୀ ଛାତ୍ରଛାତ୍ରୀ ରଂଗାରଙ୍ଗ ନାଚ ମଞ୍ଚସ୍ଥ କରି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୯୯ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୧୫ଗୋଟି ସମସ୍ୟା ର ତୁରନ୍ତ ସମାଧାନ ହୋଇଥିବା ନେଇ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର,ସିଡିଓ ଦୟାମୟ ପାଢ଼ୀ,ଧର୍ମଗଡ଼ ଉପ ଜିଲ୍ଲାପାଳ ଧିମାନ ଚକମା,ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ତହସିଲଦାର ଚନ୍ଦନ ନାୟକ ଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସିଧାସଳଖ ଭାବେ ଜନସାଧାରଣଙ୍କ ଦୁଃଖ ଶୁଣିବା ସହିତ ଅଭିଯୋଗ ଗ୍ରହଣ କରିଛନ୍ତି ।

### ଓଡ଼ଗାଁ ଏନ୍ଏସି ରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

# ବିନା ଟେଣ୍ଡରରେ କାମ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଉଥିବା ସନ୍ଦେହ

ଓଡ଼ଗାଁ, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ରେ ଟେଣ୍ଡର ଫିକ୍ସିଂ ଅଭିଯୋଗ। ବିନା ଟେଣ୍ଡରରେ କାମ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଉଥିବା ଘଟଣା ଏବେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିଛି। ଏକ ବର୍ଷ ତଳେ ନିର୍ମାଣ ହୋଇଥିବା ବିଭିନ୍ନ କାମକୁ ଦେଖାଇ ଏବେ ପୁଣି ଟେଣ୍ଡର ଡାକିବା ଘଟଣା ଓଡ଼ଗାଁ ଏନ୍ଏସି ରେ ହୋଇଥିବା ଦୁର୍ନୀତି ର ପୋଲ୍ ଖୋଲି ଦେଇଛି। ଏହି ଟେଣ୍ଡର ଫିକ୍ସିଂ ପଛରେ ଜେଇ ଙ୍କ ଠାରୁ ଆରମ୍ଭ କରି ଠିକାଦାର ଏବଂ ସ୍ଥାନୀୟ ନେତାଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛିୟ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିବା ବେଳେ ଅଭିଯୋଗ ପରେ ୬ ଟି ପ୍ରକଳ୍ପର ଟେଣ୍ଡର ବାତିଲ୍ କରାଯାଇଥିବା ନୟାଗଡ଼ ଉପ ଜିଲ୍ଲାପାଳ କହିଛନ୍ତି। ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ରେ ଟେଣ୍ଡର ଫିକ୍ସି ପ୍ରତିବାଦର ସ୍ଥାନୀୟ ଲୋକଙ୍କ ହଲାବୋଲ। ଲୋକଙ୍କ ଅଭିଯୋଗ ଓଡ଼ଗାଁ ଏନ୍ଏସି ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। କୁଜି ନେତା ଓ ପ୍ରଶାସନ ମିଳିମିଶି ଲକ୍ଷ ଲକ୍ଷ ଟଙ୍କା ଅର୍ଥ ଆତ୍ମସାତ କରିବାକୁ ଯାଇ ଟେଣ୍ଡର ଫିକ୍ସି କରିଛନ୍ତି। ଗୋଟିଏ କି ଦୁଇଟି ପ୍ରକଳ୍ପ ନୁହଁ ଏକକାଳୀନ ୬ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ପୁଣି ସେହି କାମ କୁ ଦେଖାଇ ଟେଣ୍ଡର କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ସରକାରୀ ନିୟମ କାନୁନ୍ କୁ ଫୁ କରି ଓଡ଼ଗାଁ ଏନ୍ଏସିରେ ଠିକାଦାର ମାନଙ୍କୁ ବିନା ଟେଣ୍ଡରରେ କାମ ସବୁ ଟେକି ଦିଆଯାଉଛି। ପୂର୍ବ ସରକାର ସମୟରେ ପ୍ରାଶାସନିକ ଅଧିକାରୀଙ୍କୁ ଧମକାଇ ସ୍ଥାନୀୟ ନେତା ମାନେ ଠିକାଦାର ସାଜି ଏଭଳି ଦୁର୍ନୀତି କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଟେଣ୍ଡର ଫିକ୍ସିଂରେ ବଡ ନେତାଙ୍କ ହାତ ରହିଥିବାରୁ ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି। ମନ୍ଦିର କିଏ ନାଁ ମୁଁ କଦଳୀ ଖାଇନିୟ ଏଭଳି ଘଟଣା ଓଡ଼ଗାଁ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ଦିର୍ଘ ଦିନ ଧରି ଚାଲିଥିବା ଦୁର୍ନୀତି ସ୍ଥାନୀୟ ଲୋକଙ୍କ ହାତରେ ଧାର ପଡିବା ପରେ ଖୋଲିଛି ଓଡ଼ଗାଁ ଏନ୍ଏସି ର ଗୋଟିଏ ପରେ ଗୋଟିଏ ଦୁର୍ନୀତି ଗୁମାର। ବିନା ଟେଣ୍ଡରରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଗୁଡ଼ିକ ହେଲା ବିଲମାନପୁର ପୋଖରୀ ପୁନରୁଦ୍ଧାର କାର୍ଯ୍ୟ, ପାଇକସାହି ରାସ୍ତା ମରାମତି ଓ ଡ୍ରେନ ନିର୍ମାଣ କାର୍ଯ୍ୟ, ଧୋବାସାହି ରାସ୍ତା ଓ ଡ୍ରେନ୍ ମରାମତି, ରାମସାଗର ପୋଖରୀର ଉନ୍ନତୀକରଣ, ଏନ୍ଏସି କାର୍ଯ୍ୟାଳୟରେ ଶୌଚାଳୟ ଓ ଷ୍ଟୋର୍ ରୁମ୍ ନିର୍ମାଣ ଏବଂ ଜାରୀଗିଁ ସରସ୍ତୀ ଶିଶୁ ବିଦ୍ୟାମନ୍ଦିର ପରିସର ମଧ୍ୟରେ ଶୌଚାଳୟ ନିର୍ମାଣ ପାଇଁ ଅନୁଦାନ ଖର୍ଚ୍ଚ କରି ନିର୍ମାଣ କାର୍ଯ୍ୟ ୬ ମାସ ରୁ ୧ ବର୍ଷ ମଧରେ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପୁଣି ଏବେ ସେହି ପ୍ରକଳ୍ପ କାମ ପାଇଁ ଟେଣ୍ଡର୍ ଅଫିସ କାର୍ଯ୍ୟାଳୟରେ ବିଜ୍ଞପ୍ତି ମରାଯିବ ଘଟଣା ଖୋଲି ଦେଇଛି କିନ୍ତୁ ବାବୁଙ୍କ ଦୁର୍ନୀତି ଗୁମର ଜଣା ପଡିଛି। ପୂର୍ବ ସରକାର ସମୟରେ ବିନା ଟେଣ୍ଡରରେ ଏହି ସବୁ ପ୍ରକଳ୍ପର କାମ ଶେଷ ହୋଇଥିବା ବେଳେ ଏବେ ବିଲ୍ ପାଇଁ କରାଯାଇଛି ଟେଣ୍ଡର ଫିକ୍ସିଂୟ କାହା ଚାପରେ ଏହା କରାଯାଇଥିବା ତାହା ତଦନ୍ତ ଭୁକ୍ତ ରହିଥିବା ବେଳେ ଟେଣ୍ଡର ପୂର୍ବରୁ ପ୍ରକଳ୍ପ କାମ ଶେଷ କରିଥିବା ଠିକାଦାରଙ୍କୁ ଟେଣ୍ଡର ପକାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ନୀତି ଲୁଚାଇବା ପାଇଁ ଟେଣ୍ଡର ପାଇଁ କୌଣସି ବିଜ୍ଞାପନ ମଧ୍ୟ ଦିଆଯାଇନାହିଁ। ଏହି ୬ଟି ପ୍ରକଳ୍ପ ପାଇଁ ୩୧ ଲକ୍ଷ ୧୩ ହଜାର ୮୧୯ ଟଙ୍କା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପୁଣି ଟେଣ୍ଡର ପାଇଁ ନୋଟିସ୍ କରାଯାଇଛି। ସ୍ଥାନୀୟ ବାସିନ୍ଦା ଙ୍କ ଅଭିଯୋଗ ଗତ ନିର୍ବାଚନ ପୂର୍ବରୁ ଏହି ପ୍ରକଳ୍ପ କାମ ଶେଷ ହୋଇଛି। ଏବେ କିନ୍ତୁ ଟେଣ୍ଡର୍ କରାଯାଇଛି। ତେବେ ପ୍ରଶ୍ନ ଉଠିଛି ଏହି କାମ କିଏ କରୁଥିଲା, ଟେଣ୍ଡର ନ ଥାଇ ଠିକାଦାରଙ୍କୁ କିଏ କାମ କରିବାକୁ କହିଲା, କାମର ତଦାରଖ କିଏ କରିଛି। ଏସବୁର ତଦନ୍ତ ହେବାର ଆବଶ୍ୟକତା ରହିଛି। ଅଭିଯୋଗ ପରେ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ତଦନ୍ତ ପାଇଁ ୬ଟି ଟେଣ୍ଡରକୁ ବାତିଲ୍ କରିଛନ୍ତି। କାମ ସରିବା ପରେ ଟେଣ୍ଡର୍ ଡାକିବା ଘଟଣା ଓଡ଼ଗାଁ ଏନ୍ଏସି ରେ ଟେଣ୍ଡର ଫିକ୍ସିଂ ଏବଂ ଦୁର୍ନୀତି ର ଗୁମର ଖୋଲି ଦେଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି। ନିୟମ କାନୁନ୍ କୁ ଫୁ କରି ଓଡ଼ଗାଁ ଏନ୍ଏସିରେ ବିନା ଟେଣ୍ଡର ରେ ୬ଟି ପ୍ରକଳ୍ପ ନିର୍ମାଣ କରିବା ଘଟଣା ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିବା ପରେ ଖୋଲୁଛି ଅନ୍ୟ ପ୍ରକଳ୍ପର ଟେଣ୍ଡର ଫିକ୍ସିଂ ଦୁର୍ନୀତିର ଗୁମର।





# ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ପଶ୍ଚିମବଙ୍ଗରେ ବାବ୍ରି ମସଜିଦ୍ ନିର୍ମାଣ କରିବୁ: ହୁମାୟୁନ କବୀର

**କୋଲକାତା,୧୦।୧୨(ଏଜେନ୍ସି):** ପୁଣି ଚର୍ଚ୍ଚାରେ ଟିଏମସି ବିଧାୟକ ହୁମାୟୁନ କବୀର । ସବୁବେଳେ ନିଜ ବୟାନ ପାଇଁ ଚର୍ଚ୍ଚାରେ ରହୁଥିବା ହୁମାୟୁନ ଏବେ ପଶ୍ଚିମବଙ୍ଗରେ ନୂତନ ବାବ୍ରି ମସଜିଦ ନିର୍ମାଣ କରାଯିବ ବୋଲି ଦାବି କରିଛନ୍ତି । ହୁମାୟୁନ କବୀର କହିଛନ୍ତି ଯେ, ମୁର୍ଶିଦାବାଦ ଅଞ୍ଚଳର ବେଲଡାଙ୍ଗାଠାରେ ଏକ ନୂତନ ବାବ୍ରି ମସଜିଦ ନିର୍ମାଣ ହେବ । ବେଲଡାଙ୍ଗାରେ ବାବ୍ରି ମସଜିଦ ପ୍ରତିଷ୍ଠା କାମ ଡିସେମ୍ବର ୬, ୨୦୨୫ପୂର୍ବରୁ ଆରମ୍ଭ ହେବ ବୋଲି ସେ ଘୋଷଣା କରିଛନ୍ତି । ତାଙ୍କର ଏଭଳି ଦାବିକୁ ନେଇ ଏବେ ବିଭିନ୍ନ ଦଳ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି । ଜାତୀୟ ଗଣମାଧ୍ୟମ ଆଜ୍ ତକରେ ପ୍ରକାଶିତ ଖବର ଅନୁଯାୟୀ, ହୁମାୟୁନ ମସଜିଦ୍ ନିର୍ମାଣ କରିବା ନେଇ ଘୋଷଣା କରିବା ସହ ନିଜେ ମଧ୍ୟ କୋଟି କୋଟି ଟଙ୍କା ଦାନ କରିବେ ବୋଲି କହିଛନ୍ତି । ତାଙ୍କ କହିବା ମୁତାବକ, ପଶ୍ଚିମବଙ୍ଗରେ ୩୪ପ୍ରତିଶତ ମୁସଲମାନ ଅଛନ୍ତି । ମୁଁ ସେମାନଙ୍କ ଭାବନା ଏବଂ ସେମାନଙ୍କର ପଶ୍ଚିମବଙ୍ଗରେ ମୁଣ୍ଡ ଉଠାଇ ବଞ୍ଚିବାର ଇଚ୍ଛା ପାଇଁ ଏକ ପ୍ରସ୍ତାବ ଦେବାକୁ ଚାହୁଁଛି । ଅର୍ଥର ଅଭାବ ହେବ ନାହିଁ ବେଲଡାଙ୍ଗାରେ ଅନେକ ମଦ୍ରାସା ଅଛି । ଏହା ବ୍ୟତୀତ ବହରାମପୁର ଅଞ୍ଚଳରେ ଅନେକ ମଦ୍ରାସା ଅଛି ସମସ୍ତ ମଦ୍ରାସାରେ ପ୍ରେସିଡେଣ୍ଟ ଏବଂ ସେକ୍ରେଟାରୀଙ୍କୁ ମିଶାଇ ୧୦୦ କିମ୍ବା ଅଧିକ ଲୋକଙ୍କୁ ନେଇ ବାବ୍ରି ମସଜିଦ ଟ୍ରଷ୍ଟ ଗଠନ ହେବ ଏହି ଟ୍ରଷ୍ଟ ତରଫରୁ ୬ଡିସେମ୍ବର ୨୦୨୫ମଧ୍ୟରେ ବେଲଡାଙ୍ଗା ଅଞ୍ଚଳରେ ୨ଏକର ଜମିରେ ବାବ୍ରି ମସଜିଦ ପ୍ରତିଷ୍ଠା କରାଯିବ । ମୁଁ ଏଥିପାଇଁ ୧କୋଟି ଟଙ୍କା ଦାନ କରିବି ।



## ବାଂଲାଦେଶକୁ ମମତାଙ୍କ କଡା ଚେତାବନୀ

**କୋଲକାତା,୧୦।୧୨(ଏଜେନ୍ସି):** ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଓ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ପଡୋଶୀ ଦେଶ ବାଂଲାଦେଶକୁ ଦେଇଛନ୍ତି କଡା ଚେତାବନୀ । ମମତା କହିଛନ୍ତି, ଯଦି ଆପଣ ଆମର ଅଞ୍ଚଳକୁ କବଜା କରିବାକୁ ଚେଷ୍ଟା କରିବେ, ଆମେ କ'ଣ ଚୁପଚାପ୍ ବସି ଲଲିପପ୍ ଖାଉଥିବୁ ? ସେ ପଶ୍ଚିମବଙ୍ଗ ବିଧାନସଭାରେ ବାଂଲାଦେଶୀଙ୍କୁ କଡା ଭର୍ତ୍ସନା କରିଛନ୍ତି । ଏହା ସହ କଡା ଚେତାବନୀ ଦେଇ କହିଛନ୍ତି, ବାଂଲାଦେଶରେ ଯାହା କିଛି ବି ହେଉଛି ତାହା ଠିକ୍ ନୁହେଁ । ସେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ମମତା ଆଜି ବିଧାନସଭାରେ କହିଛନ୍ତି,କିଛି ଲୋକ କୋଲକାତା ଉପରେ କବଜା କରିବା କଥା କହୁଛନ୍ତି। ଆଉ କିଛି ପଶ୍ଚିମବଙ୍ଗ, ବିହାର ଓ ଓଡିଶା ଫେରିବାକୁ ଦାବି କରିବାର ଧମକ ଦେଇଛନ୍ତି । ଯଦି କେହି କୋଲକାତା କିମ୍ବା ପଶ୍ଚିମବଙ୍ଗ ଉପରେ କବଜା କରିବେ, ତେବେ ରାଜ୍ୟ ସରକାର ଚୁପ୍ ବସିବେନି ଓ ଲଲିପପ୍ ବସି ଖାଇବେନି । ମମତା ସ୍ପଷ୍ଟ କରିଛନ୍ତି କୋଲକାତା ଭାରତର ଅଭିନ୍ନ ଅଙ୍ଗ୍ୟ ତାଙ୍କୁ ବାଂଲାଦେଶର ରାଜନୀତି ସହ କେଣସି ଲେଣଦେଣ ନାହିଁ । ଆମେ ଶାନ୍ତି ଚାହୁଁ । ଏହା ଉତ୍ତର ପ୍ରଦେଶର ନୁହେଁ, ଯେ ମୁଁ ଆପଣଙ୍କୁ ବ୍ୟାନ୍ କରିଦେବି । ମୁଁ ଆପଣଙ୍କୁ ଅପିଲ କରୁଛି ଏଠାରେ ଠିକ୍ ଭାବରେ ରୁହନ୍ତୁ । କିଛି ନକଲି ଭିଡିଓ ଭାଇରାଲ କରାଯାଉଛି। ବିଶେଷ ଭାବରେ ଏକ ଖାସ୍ ରାଜନୈତିକ ଦଳ କରୁଛି । ରାଜନୀତି କରନ୍ତୁ ନାହିଁ । ସେଠାରେ ଆମର ବନ୍ଧୁଙ୍କୁ କ୍ଷତି ହେବ ।ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି, ଆପଣ କହୁଛନ୍ତି ଆପଣ(ବାଂଲା, ବିହାର, ଓଡିଶା) ଉପରେ ଦଖଲ କରିନେବେ । ଆପଣଙ୍କ ଭିତରେ ସେଭଳି ଦମ୍ ନାହିଁ, ଯଦି ଚେଷ୍ଟା କର ତେବେ ଆମେ କ'ଣ ବସି ଲଲିପପ୍ ଖାଉଥିବୁ ? ଏ ବିଷୟରେ କେବେ ବି ଭାବନ୍ତୁ ନାହିଁ। ଭାରତ ଅଖଣ୍ଡ । ଆମେ ସମସ୍ତେ ଏକ । ଆମର ବାଂଲାଦେଶର ରାଜନୀତି ସହ କିଛି ବି ସମ୍ପର୍କ ନାହିଁ। ଆମକୁ ଉକସାଇବାରେ ଆସିବା ଉଚିତ ନୁହେଁ। ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍ପି)ର ମିଳିତ ମହାସଚିବ ରହୁଲ କବିର ରିଜଭିଙ୍କ ବ୍ୟଙ୍ଗାତ୍ମକ ଟିପ୍ପଣୀ ପରେ ମମତା ଏଭଳି ମନ୍ତବ୍ୟ ଦେଇଛନ୍ତି । ଯେଉଁଥିରେ ବାଂଲାଦେଶୀ ସେନାର ପୂର୍ବତନ ସଦସ୍ୟ ହେବାର ଦାବି କରୁଥିବା ଜଣେ ବ୍ୟକ୍ତି ଚେତାବନୀ ଦେଇଛି ତା'ର କେଶଳ ଭାରତୀୟ ସେନାଠାରୁ ବହୁ ଗୁଣା ଅଧିକ। ୪ ଦିନରେ ସେ କୋଲକାତା ଉପରେ କବଜା କରିପାରିବେ । ରିଜଭି କହିଛନ୍ତି ଯଦି ଭାରତ ଚଟଗାଉଁ ଉପରେ ଦାବି କରିପାରେ (ଯଦିଓ ଭାରତ ଏଭଳି କୌଣସି ଦାବି କରିନି), ତେବେ ବାଂଲାଦେଶ ମଧ୍ୟ ନବାବ୍ ସିରାଜୁଦେଲାଙ୍କ ବଙ୍ଗଳା, ବିହାର, ଓଡିଶାକୁ ନିହାତି ଫେରିବାକୁ ଚାହିଁବ । ବାଂଲାଦେ ପାଖରେ ଏବେ ବି ଶକ୍ତି ଅଛି।



## ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବେ ବିରୋଧୀ !

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଛନ୍ତି ବିରୋଧୀ । ଏ ନେଇ କେତେକ ବିରୋଧୀ ଦଳ ଆଲୋଚନା ଆରମ୍ଭ କରିଛନ୍ତି। ତେବେ ଏନେଇ ଏପର୍ଯ୍ୟନ୍ତ ଇଣ୍ଡିଆ ମେଣ୍ଟର ସବୁ ଦଳଙ୍କ କୌଣସି ସହମତି ହୋଇପାରିନାହିଁ । ମିଳିଥିବା ସୂଚନା ଅନୁଯାୟୀ, ବିଭାଜନକାରୀ କାର୍ଯ୍ୟ ପାଇଁ ସମ୍ବିଧାନର ଧାରା ୬୭(ବି) ଅନୁଯାୟୀ 'ଇଣ୍ଡିଆ' ମେଣ୍ଟର ଦଳଗୁଡ଼ିକ ରାଜ୍ୟସଭାରେ ଅନାସ୍ଥା ପ୍ରସ୍ତାବ ଆଗତ କରିପାରିବେ । ତୃଣମୂଳ କଂଗ୍ରେସ, ଆପ୍, ସପା ସମେତ 'ଇଣ୍ଡିଆ' ମେଣ୍ଟର ସମସ୍ତ ଦଳ ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ବିରୋଧୀ ଦଳ ନେତାମାନେ ଦାବି କରିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୫୦ରୁ ଅଧିକ ବିଧାୟକ ଏହି ସଂକଳ୍ପରେ ସ୍ୱାକ୍ଷର କରିଛନ୍ତି। ଏହାକୁ ନେଇ ଇଣ୍ଡିଆର ସମସ୍ତ ଦଳ ମଧ୍ୟରେ ସହମତି ରହିଛି । ସୋମବାର (୯ ଡିସେମ୍ବର ୨୦୨୪) ରାଜ୍ୟସଭାରେ ଭାରତୀୟ ଜନତା ପାର୍ଟି (ବିଜେପି) ଅଭିଯୋଗ କରିଥିଲା ଯେ ଦେଶର ଅସ୍ଥିରତା ପାଇଁ ବରିଷ୍ଠ କଂଗ୍ରେସ ନେତାମାନେ କୋଟିପତି ନିବେଶକ ଜର୍ଜ ସୋରୋସଙ୍କ ସହ ହାତ ମିଳାଇଛନ୍ତି । ଶୁଣାଣି ସମୟରେ ଅଧ୍ୟକ୍ଷ ଜଗଦୀପ ଧନଖର ଭାରତର ଏକତା ଓ ସାର୍ବଭୌମତ୍ୱ ପ୍ରତି ଆଭ୍ୟନ୍ତରୀଣ ଓ ବାହ୍ୟ ବିପଦ କୁ ନେଇ ଚିନ୍ତା ପ୍ରକଟ କରିବା ସହ ଡିପ ଷ୍ଟେଟର ପ୍ରଭାବ 'କୋଭିଡ୍ ରୋଗ ଅପେକ୍ଷା ଅଧିକ ମାରାତ୍ମକ' ବୋଲି ସତର୍କ କରାଇଥିଲେ।



## ସିରିଆର ଅସ୍ତ୍ରାଗାରକୁ ଧ୍ୱଂସ କଲେ ଆମେରିକା, ଇସ୍ରାଏଲ୍

**ଦମସ୍କସ,୧୦।୧୨(ଏଜେନ୍ସି):** ବଶାର ଅଲ-ଅସଦଙ୍କୁ କ୍ଷମତାଚ୍ୟୁତ କରିବା ପରେ ସିରିଆ ଏବେ ଇସଲାମିକ ବିଦ୍ରୋହୀ ସଙ୍ଗଠନ ହୟାତ ତାହିର ଅଲ-ଶାମ (ଏଚଟିଏସ)ର କବଜାରେ



ରହିଛି । ସିରଆକୁ ଏଚଟିଏସ ଦଖଲ କରିବା ପରେ ରାଷ୍ଟ୍ରପତି ବଶାର ଅଲ-ଅସଦ ଏବଂ ତାଙ୍କ ପରିବାର ରୁଷିଆକୁ ପଳାୟନ କରିଛନ୍ତି । ସେପଟେ ଅସଦଙ୍କ ପଳାୟନ ପରେ ଆମେରିକା ଓ ଇସ୍ରାଏଲ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଇସ୍ରାଏଲ ସହ ମିଶି ଆମେରିକୀୟ ବାୟୁସେନା ସିରିଆରେ ଥିବା ସାମରିକ ଘାଟି ଓ ରାସାୟନିକ ଅସ୍ତ୍ରଶସ୍ତ୍ର କାରଖାନା ଉପରେ ଜୋରଦାର ଏୟାର ଷ୍ଟ୍ରାଇକ୍ କରିଛି । ଆମେରିକାର ବାୟୁସେନାର ବୋମାବର୍ଷୀ ବିମାନ ସେଗୁଡ଼ିକୁ ଧ୍ୱଂସ କରିଛି । ସିରିଆର ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ଯେପରି ବିଦ୍ରୋହୀଙ୍କ ହାତକୁ ନ ଯାଏ ତାହା ସୁନିଶ୍ଚିତ କରିବାକୁ ଏହି ଆକ୍ରମଣ କରାଯାଇଛି । ଅନ୍ୟପକ୍ଷରେ ଇସ୍ରାଏଲ ସେନା ମଧ୍ୟ ସ୍ଥଳଭାଗରୁ ସିରିଆ ସୀମାରେ ପ୍ରବେଶ କରିଛି ।୧୯୭୪ ଚୁକ୍ତି ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ସେନା ସିରିଆ ମାଟିରେ ପାଦ ଥାପିଛି । ଖାଲି ସେତିକି ନୁହେଁ, ଇସ୍ରାଏଲ ସେନା ଗୋଲାନ ହାଇଟ୍ସ ନିକଟରେ ଥିବା ସିରିଆ ସୀମାର ୧୦ କିଲୋମିଟର ଭିତରେ ଥିବା ଜମିକୁ ଦଖଲ କରି ବଫର ଜୋନରେ ପରିଣତ କରିଛି । ଇସ୍ରାଏଲ ଏହି ପଦକ୍ଷେପ ପଛରେ ନିଜ ନାଗରିକଙ୍କ ସୁରକ୍ଷାକୁ ଦର୍ଶାଇଛି । ଏହି ପଦକ୍ଷେପ କେବଳ ଅସ୍ଥାୟୀ ବୋଲି ଇସ୍ରାଏଲ କହିଛି ।

## ବୈଷୟିକ ସମସ୍ୟା ହେତୁ ୨ଟି ସ୍ପାଇସଜେଟ୍ ବିମାନର ମାର୍ଗ ପରିବର୍ତ୍ତିତ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ସୋମବାର ପୃଥକ ପୃଥକ ଘଟଣାରେ ଦୁଇଟି ସ୍ପାଇସଜେଟ୍ ବିମାନରେ ବୈଷୟିକ ସମସ୍ୟା ଦେଖାଦେଇଛି। ଶିଲୋଙ୍ଗ ଅଭିମୁଖେ ଏବଂ ଅନ୍ୟଟି କୋଚି ଅଭିମୁଖେ ଯାଉଥିବା ବେଳେ ସମସ୍ୟା ଦେଖା ଦେଇଥିଲା । ୨ଟି ବିମାନରେ ସମସ୍ୟା ପରିଲକ୍ଷିତ ହେବା ପରେ ଏ ସଂପର୍କରେ ଯାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ବିମାନ ୨ଟିର ମାର୍ଗ ପରିବର୍ତ୍ତନ କରାଯାଇଛି। ପାଟନା ବିମାନବନ୍ଦର ନିର୍ଦ୍ଦେଶକ ଅଞ୍ଚଲ ପ୍ରକାଶଙ୍କ ଅନୁଯାୟୀ ଏହି ବିମାନ ସକାଳ ୮.୫୨ରେ ପାଟ୍ନାର ଜୟ ପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଛି। ଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି । ଏହା ଏକ ସାଧାରଣ ଅବତରଣ ଥିଲା ଏବଂ ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ଜଣାଯାଇଛି । ଅନ୍ୟ ଏକ ଘଟଣାରେ, ୧୧୭ ଜଣ ଯାତ୍ରୀ ଏବଂ କର୍ମଚାରୀଙ୍କୁ ନେଇ କୋଚି ଅଭିମୁଖେ ଯାଉଥିବା ବିମାନଟି ଚେନ୍ନାଇରେ ଏକ ଜରୁରୀକାଳୀନ ଅବତରଣ କରିଥିଲେ । ବିମାନ ଚେନ୍ନାଇକୁ ଫେରି ସେଠାରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ସ୍ପାଇସଜେଟର ମୁଖପାତ୍ର କହିଛନ୍ତି ଯେ ଡିସେମ୍ବର ୨୪, ୨୦୧୪ ରେ ବୈଷୟିକ ସମସ୍ୟା ହେତୁ ଚେନ୍ନାଇରୁ କୋଚି ପର୍ଯ୍ୟନ୍ତ ଚାଲୁଥିବା ସ୍ପାଇସଜେଟ କ୍ୟୁ୪୦୦ ବିମାନ ଚେନ୍ନାଇକୁ ଫେରି ଆସିଥିଲା । ବିମାନଟି ନିରାପଦରେ ଅବତରଣ କରିଥିଲା । ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଏବଂ ବିମାନଟି ଏକ ସୁରକ୍ଷିତ ଅବତରଣ କରିଥିଲା ବୋଲି ବିମାନବନ୍ଦରର ଅଧିକାରୀମାନେ କହିଛନ୍ତି ।





## ସଂସଦରେ ଉପସ୍ଥାପନ ହେବ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍



**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ସଂସଦର ଶୀତ ଅଧିବେଶନ ଚାଲିଥିବା ବେଳେ କେନ୍ଦ୍ର ସରକାର ଗୃହରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଆଗତ କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ଡିସେମ୍ବର ୨୦ରେ ଶୀତ ଅଧିବେଶନ ସରିବାକୁ ଥିବା ବେଳେ ସରକାର ଏହା ପୂର୍ବରୁ ଏହି ବିଲକୁ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି । ଗୋଟିଏ ଥରରେ ପୂରା ଦେଶରେ ଉଭୟ ଲୋକସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ କରିବାକୁ ବିଲରେ ବ୍ୟବସ୍ଥା ହୋଇଛି । ଏହାକୁ ବାସ୍ତବ ରୂପ ଦେବାକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇଥିଲା । କମିଟି ରିପୋର୍ଟ ଦେବା ପରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ଅନୁମୋଦନ ଦେଇଥିଲା । ଏବେ ସରକାର ଏହାକୁ ସଂସଦରେ ଉପସ୍ଥାପନ କରିବାକୁ ଯାଉଛନ୍ତି । ଲୋକସଭାରେ ଏହାକୁ ଆଗତ କରି ସରକାର ବିସ୍ତୃତ ଆଲୋଚନା ପାଇଁ ବିଲକୁ ଯୁଗ୍ମ ସଂସଦୀୟ କମିଟି ବା ଜେପିସି ନିକଟକୁ ପଠାଇବେ । ଜେପିସିରେ ଥିବା ସବୁ ରାଜନୀତିକ ଦଳର ସଦସ୍ୟ ଏହା ଉପରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ସେହିପରି ଚୂଡ଼ାନ୍ତ ବିଲ ପୁଣି ଗୃହରେ ଉପସ୍ଥାପନ କରାଯିବା ପୂର୍ବରୁ ସରକାର ବିଭିନ୍ନ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରିବାକୁ ଯୋଜନା କରିଛନ୍ତି । ବୁଦ୍ଧିଜୀବୀ, ବିଶେଷଜ୍ଞ, ସାମାଜିକ ସଂସ୍ଥାର ସଦସ୍ୟ ଓ ସମସ୍ତ ରାଜ୍ୟର ବିଧାନସଭା ବାଚସ୍ପତିମାନେ ମଧ୍ୟ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଉପରେ ନିଜର ମତ ରଖିବେ। ଅତିରିକ୍ତ ଭାବେ ବିଲ୍କୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ସାଧାରଣ ଲୋକଙ୍କ ମତ ମଧ୍ୟ ନେବେ । ସରକାର ସମସ୍ତଙ୍କୁ ସାମିଲ କରି 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥା ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଅମିତ ଶାହଙ୍କୁ ଟାର୍ଗେଟ କଲେ କେଜ୍ରିଓ୍ୱାଲ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଦିଲ୍ଲୀର ୪୦ଟି ସ୍କୁଲକୁ ବୋମା ବିସ୍ଫୋରଣର ଧମକ ମିଳିଛି । ଏହାକୁ ନେଇ ଅରବିନ୍ଦ କେଜ୍ରିଓ୍ୱାଲ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, 'ଆଜି ଦିଲ୍ଲୀର ୪୦ ଟି ସ୍କୁଲକୁ ବୋମା ବିସ୍ଫୋରଣ ଧମକ ଆସିଛି । ଦିନକୁ ଦିନ ଆଇନ ଶୃଙ୍ଖଳା ଖରାପ ହେବାରେ ଲାଗିଛି । ମହିଳାମାନେ ସବୁ ସ୍ଥାନରେ ଅସୁରକ୍ଷିତ ଅଟନ୍ତି । ବର୍ତ୍ତମାନ ପିଲାମାନେ ମଧ୍ୟ ସୁରକ୍ଷିତ ନୁହଁନ୍ତି । ଦିଲ୍ଲୀର ଲୋକମାନେ ଏଭଳି ଘଟଣା କେବେ ଦେଖି ନାହାଁନ୍ତି । ଏହି ପରି ଧମକ ପିଲା ଏବଂ ସେମାନଙ୍କ ପିତାମାତା ଉପରେ କିଭଳି ପ୍ରଭାବ ପକାଇବ ତାହା କେବଳ କଳ୍ପନା କରାଯାଇପାରେ । କେଜ୍ରିଓ୍ୱାଲ କହିଛନ୍ତି, 'ସ୍କୁଲ, ମଲ୍, ବିମାନବନ୍ଦର, ସମସ୍ତଙ୍କୁ ବୋମାର ଧମକ ମିଳୁଛି । ମୁଁ ଅମିତ ଶାହାଙ୍କୁ ପଚାରିବାକୁ ଚାହେଁ, ଆପଣ ଦିଲ୍ଲୀର ଲୋକଙ୍କ ସୁରକ୍ଷା ପାଇଁ କଣ କରୁଛନ୍ତି, ଏହା ମଧ୍ୟ ଆପଣଙ୍କର ଦାୟିତ୍ୱ । ଆପଣ ଦିଲ୍ଲୀର ଲୋକଙ୍କ ମଧ୍ୟରେ ଆସନ୍ତୁ ଏବଂ ଆପଣ କ'ଣ କରୁଛନ୍ତି ତାହା କୁହନ୍ତୁ । ଏଥର ନିର୍ବାଚନ ପୂର୍ବରୁ ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବଦଳରେ ଅମିତ ଶାହାଙ୍କ ଉପରେ ପ୍ରଶ୍ନ ଉଠାଉଛି । କାରଣ ଦାୟିତ୍ୱ ଗୃହମନ୍ତ୍ରୀଙ୍କ ଉପରେ ଅଛି ଏବଂ ଏହା ମଧ୍ୟ ସ୍ପଷ୍ଟ ହେଉ ଯେ ଏହା ପଛରେ କୌଣସି ରାଜନୀତି ନାହିଁ । କେଜ୍ରିଓ୍ୱାଲ କହିଛନ୍ତି ଯେ ଗତ ଏକ ବର୍ଷ ମଧ୍ୟରେ ସବୁଆଡେ ବୋମା ବିସ୍ଫୋରଣର ଧମକ ଆସୁଛି । ଦିଲ୍ଲୀର ଲୋକମାନେ ପୂର୍ବରୁ ଏପରି ଘଟଣା ଦେଖି ନଥିଲେ । ଏପରି ଧମକ ଯୋଗୁଁ ଲୋକମାନେ ଭୟଭୀତ ହେଉଛନ୍ତି । ଅମିତ ଶାହାଙ୍କୁ ଦିଲ୍ଲୀର ଲୋକଙ୍କୁ ଆଶ୍ୱାସନା ଦେବାକୁ ପଡିବ ଏବଂ ସେ କିପରି ଦିଲ୍ଲୀକୁ ସୁରକ୍ଷିତ ରଖୁଛନ୍ତି ତାହା ଜଣାଇବାକୁ ପଡ଼ିବ ।



## ଭାରତ ବିରୋଧି କାମ ବିରୋଧରେ ସମସ୍ତଙ୍କୁ ଏକଜୁଟ ହେବାକୁ ପଡିବ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଜର୍ଜ ସୋରସଙ୍କ ସହ କଂଗ୍ରେସ ଓ ସୋନିଆ। ଗାନ୍ଧୀଙ୍କର ଲିଙ୍କ ରହିଛି। ସୋରସଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ ମଧ୍ୟ ସୋନିଆଙ୍କ ନିରବ ସମର୍ଥନ ରହିଛି। କିଛି ଏହିପରି ଦାବି କରିଛି ଶାସକ ଦଳ ବିଜେପି । ଏହାକୁ ନେଇ ଭାରତରେ ବର୍ତ୍ତମାନ ରାଜନୈତିକ ମାହୋଲ ଗରମ ରହିଛି । ଭାରତ ବିରୋଧି କାର୍ଯ୍ୟ କରୁଥିବା ଗୋଷ୍ଠୀ ପାଇଁ ଆମ ସମସ୍ତଙ୍କୁ ଏକଜୁଟ ହେବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ କିରେନ ରିଜୁ ସୋମବାର ଦିନ ଘୋଷଣା କରିଛନ୍ତି । ବର୍ତ୍ତମାନ ସାରା ଦେଶରେ ଜର୍ଜ ସୋରସଙ୍କ ଉପରେ ଚର୍ଚ୍ଚା ଜୋର ଧରିଛି । ଏଥିରେ ସୋନିଆ ଗାନ୍ଧୀଙ୍କ ସହ ରାହୁଲ ଗାନ୍ଧୀଙ୍କ ନାମ ମଧ୍ୟ ଜୋଡି ହୋଇ ରହିଛି ବୋଲି ରିଜୁ କହିଛନ୍ତି । ଅନ୍ୟପଟେ କଂଗ୍ରେସ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଗୌତମ ଆଦାନୀଙ୍କ ଉପରେ ଆଲୋଚନା କରିବାକୁ ଆହ୍ୱାନ କରିବା ସହ ଏହା ବିରୋଧରେ ପ୍ରଦର୍ଶନ ଜାରି ରଖିଛି । ରିଜୁ ସୋମବାର ଏକ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ । ଏହି ସମ୍ମିଳନୀରେ ସେ କହିଥିଲେ ଜର୍ଜ ସୋରସଙ୍କ ଉପରେ ପାର୍ଲାମେଣ୍ଟରେ ଆଲୋଚନା ଚାଲିଛି । ଏଥିପାଇଁ ମୁଁ କଂଗ୍ରେସ ଦଳର ନେତାମାନଙ୍କୁ ଭାରତ ବିରୋଧି ଗୋଷ୍ଠୀ ବିରୋଧରେ ଏକଜୁଟ ହେବାପାଇଁ ଆହ୍ୱାନ କରୁଛି । କଂଗ୍ରେସ ଦଳର ନେତାଙ୍କର ଯଦି କୌଣସି ଭାରତ ବିରୋଧି ଦଳ ସହ ସମ୍ବନ୍ଧ ଅଛି ତେବେ କଂଗ୍ରେସ ଦଳର ଅନ୍ୟମାନେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତୁ । ସୋମବାର ପାର୍ଲାମେଣ୍ଟର ଶୀତ ଅଧିବେଶନ ମଧ୍ୟ ଠିକରେ ଚାଲି ପାରିନାହିଁ । କଂଗ୍ରେସ ଦଳ ସହ ଇଣ୍ଡିମେଣ୍ଟ ମଧ୍ୟ ଗୃହରେ ହଟ୍ଟଗୋଳ କରିବା ଦ୍ୱାରା ଆଜି ଗୃହର ପ୍ରଥମାର୍ଦ୍ଧକୁ ମୁଲତବି ଘୋଷଣା କରାଯାଇଥିଲା । ବିରୋଧି ଦଳମାନେ ଗୌତମ ଆଦାନୀଙ୍କ ଉପରେ ଆଲୋଚନା କରିବା କଥା କହି ଗୃହ ମଧ୍ୟ ଭାଗକୁ ଯାଇ ହୋହାଲ୍ଲା କରିଥିଲେ । ଅନ୍ୟପଟେ ଶାସକ ଦଳ ବିଜେପି ସୋରସ ଓ କଂଗ୍ରେସ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଆଲୋଚନା କରିବା ପାଇଁ ବିରୋଧି ଦଳଙ୍କୁ ଆହ୍ୱାନ ଦେଇଥିଲା । ଖବର ମୁତାବକ, ବିଜେପି ତାର ସୋସିଆଲ ମିଡିଆ ଏକ୍ସରେ ଜର୍ଜ ସୋରସ ଫାଉଣ୍ଡେସନର ସହଯୋଗୀ ସଂଗଠନ ଡେମୋକ୍ରାଟିକ ଲିଡର୍ସ ଇନ ଏସିଆ। ପାସିଫିକ (ଏଫଡିଏଲ-ଏପି)ର ସହ ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀଙ୍କ ଦାୟିତ୍ୱ ସମ୍ପର୍କରେ କେତେକ ପ୍ରମାଣ ଏହି ପୋଷ୍ଟରେ ଉଲ୍ଲେଖ ରହିଥିଲା । ଏହି ସଂଗଠନ କାଶ୍ମୀରକୁ ଭାରତକୁ ଅଲଗା କରିବା ଯୋଜନାକୁ ସମର୍ଥନ କରୁଛି ବୋଲି କହିଛି ବିଜେପି। ଅନ୍ୟପଟେ କଂଗ୍ରେସ ଗୌତମ ଆଦାନୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଭିତିରି ସମ୍ପର୍କ ରହିଛି ବୋଲି କହିଛି । ସରକାରଙ୍କ ମାଧ୍ୟମରେ ଆଦାନୀ ଅନେକ କିଛି ପାଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ ଆଣିଛି ।





## ସର୍ବେଶ୍ୱର ଫୁଡ୍ସ ଲିମିଟେଡ୍‌ର ସଫଳତା

**ଭୁବନେଶ୍ୱର,୧୦।୧୨ (ମହାଭାରତ):** ପ୍ରିମିୟମ୍ ବାସମତୀ ଚାଉଳର ଭାରତର ଅନ୍ୟତମ ଅଗ୍ରଣୀ ଯୋଗାଣକାରୀ ସର୍ବେଶ୍ୱର ଫୁଡ୍ସ ଲିମିଟେଡ୍ ଆମେରିକାର ଅନ୍ୟତମ ବୃହତମ ଏବଂ ସମ୍ମାନଜନକ ସଂସ୍ଥା ଆଇ ସିଫୋଲ୍ ଏଲ୍.ଏଲ୍.ସିରୁ ୫,୩୫୦ ମେଟ୍ରିକ୍ ଟନ୍ ବାସ୍ମତୀ ଚାଉଳ ଯୋଗାଣ ପାଇଁ ସଫଳତାର ସହ ରପ୍ତାନି ଅର୍ଡର ହାସଲ କରିଛି। ୨୦୦୮ ମସିହାରେ ନ୍ୟୁୟର୍କରେ ସ୍ଥାପିତ ଆଇ ସିଫୋଲ ଏଲଏଲସି ହେଉଛି ଏକ ପ୍ରସିଦ୍ଧ ବ୍ରାଣ୍ଡ ପ୍ରତିନିଧି ଏବଂ ବିତରକ ଯାହା ଉତ୍କର୍ଷତା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ଶକ୍ତିଶାଳୀ ଜାତୀୟ ବିତରଣ ନେଟୱାର୍କ ରହିଛି । ଆଇ ସିଫୋଲ ଯୁକ୍ତରାଷ୍ଟ୍ର ଆମେରିକାରେ ୧,୦୦୦ରୁ ଅଧିକ ଜାତିଗତ ଖୁଚୁରା ଦୋକାନ ଏବଂ ୧,୫୦୦ ଜାତିଗତ ରେଷ୍ଟୁରାଟ୍‌ରେ ପହଂଚିବା ସହିତ ମୁଖ୍ୟସ୍ରୋତର ସୁପରମାର୍କେଟ ଏବଂ କ୍ଲବ ଷ୍ଟୋରରେ ମଧ୍ୟ ପ୍ରବେଶ କରିଥାଏ। ଏହି ସଫଳତା ସମ୍ପର୍କରେ ସର୍ବେଶ୍ୱର ଫୁଡ୍ସର ଜଣେ ମୁଖପାତ୍ର କହିଛନ୍ତି ଯେ ଆଇ ସିଫୋଲ ଏଲଏଲସି ସହିତ ଏହି ପ୍ରମୁଖ ରପ୍ତାନି ଅର୍ଡର ହାସଲ କରି ଆମେ ଆନନ୍ଦିତ । ଗୁଣବତା ଏବଂ ସେବାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ଆମର ସମର୍ପଣ ଦ୍ୱାରା ପରିଚାଳିତ ସର୍ବେଶ୍ୱର ଫୁଡ୍ସ ଉପରେ ଆଇ ସିଫୋଲର ବିଶ୍ୱାସ ଏବଂ ବିଶ୍ୱାସକୁ ଏହି ଆଦେଶ ସୂଚାଇଥାଏ ।

## କାଇନେଟିକ୍ ଗ୍ରୀନ ଓ ଜିଓଥିଙ୍ଗସ ଲିମିଟେଡ୍ ମିଳିତ ସହଯୋଗରେ ଡିଜିଟାଲ ଏବଂ ସଂଯୁକ୍ତକାରୀ ଡିସ୍ ପେଲ୍ଲ ଏକ ସୁଟ୍ ଏବଂ ବିଶେଷ୍ଲଣର ଶୁଭାରମ୍ଭ କରିବାକୁ ଯାଉଛି

**ଭୁବନେଶ୍ୱର,୧୦।୧୨ (ମହାଭାରତ):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ୍, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇ ଚକିଆ ଯାନ (ଇଟୁ ବ୍ଲୁ) ଏବଂ ବୈଦ୍ୟୁତିକ ତିନି ଚକିଆ ଯାନ (ଇଥ୍ରି ବ୍ଲୁ) ର ନିର୍ମାଣକାରୀ ପ୍ରତିଷ୍ଠାନ, ଅତି ଉତ୍ସୁକତାର ସହିତ ଜିଓଥିଙ୍ଗସ ସହିତ କୌଶଳୀୟ ମିଳିତ ସହଯୋଗର ଘୋଷଣା କରିଛି ଯାହାକି ରିଲାୟନ୍ସ ଗୋଷ୍ଠୀର ଅଂଶବିଶେଷ ଭାବରେ ଜିଓ ପ୍ଲାଟଫର୍ମସ ଲିମିଟେଡ୍‌ର ଏକ ସହାୟକ ପ୍ରତିଷ୍ଠାନ ଅଟେ। କାଇନେଟିକ୍ ଗ୍ରୀନର ବର୍ତ୍ତମାନ ଏବଂ ଆଗକୁ ଆସୁଥିବା ଇଲେକ୍ଟ୍ରିକ୍ ଯାନ ମଡେଲ୍ ଗୁଡ଼ିକ ନିମନ୍ତେ ବ୍ୟବହାରକାରୀଙ୍କ ଅଭିଜ୍ଞତା ପାଇଁ ଏହି ସହଭାଗୀତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ସ୍ଥାୟୀ ଗତିଶୀଳତା ଅଗ୍ରଗତିର ସମାଧାନ ତଥା ସଂଯୋଗୀକରଣ ବୃଦ୍ଧିରେ ସହାୟକ ହୋଇପାରିବ।

ଏହି ମିଳିତ ସହଯୋଗର ଅଂଶବିଶେଷ ଭାବରେ, କାଇନେଟିକ୍ ଗ୍ରୀନ ଏକ ନବୀକରଣୀୟ ସ୍ମାର୍ଟ ଟିଏଫଟି-ଆଧାରିତ ଡ଼ିଜିଟାଲ ସଂଯୋଗୀକରଣ ଡ଼ିସି ପ୍ଲେ ମ ? ?ର ଅନାବରଣ କରିଛି, ଯାହାର ଲକ୍ଷ୍ୟ ଚାଳନାର ଅଭିଜ୍ଞତାରେ ଆମୂଳଚୂଳ ପରିବ ? ର୍ନ ସହିତ ଏହାର ଅତି ଲୋକପ୍ରିୟ ଇ୨ଡ଼ବ୍ଲୁ ମ ? ? ପ୍ରତି ଗ୍ରାହକଙ୍କ ଆକର୍ଷଣ। ଏହି ଉନ୍ନତ ଡ଼ିସପ୍ଲେ ସମନ୍ୱିତ ଜରରୁୀ ବିଶେଷତ୍ୱ ମଧ୍ୟରେ ରହିଛି ପ୍ରକୃତ-ସମୟ ପରିଚାଳନା, ଆସୁଥିବା କଲ ନିମନ୍ତେ ସୂଚନା ତଥା ଆଖପାଖରେ ରହିଥିବା ଯାନର ଚାର୍ଜିଙ୍ଗ କେନ୍ଦ୍ରର ସୂଚନା ଇତ୍ୟାଦି। ଏହି ସମସ୍ତ ଉପାଦାନକୁ ଏକତ୍ରିତ କରି, ଏଭଳି ମ ? ? ଚାଳକମାନଙ୍କ ପାଇଁ ଏକ ଆନନ୍ଦଦାୟକ ତଥା ଅଧିକ ସଂଯୋଗୀକରଣ ଓ ଯାତ୍ରାର ସମସ୍ତ ସୁବିଧା ତଥା ପ୍ରତ୍ୟେକ ଚାଳନାକୁ ଫଳପ୍ରଦ ଏବଂ ଉପଭୋଗ୍ୟ କରିଥାଏ। ସହର ରାସ୍ତାରେ ଯିବା କିମ୍ବା ଅଧିକ ଦୂରଯାତ୍ରାର ଯୋଜନା ଯେଉଁଦିଗରେ ହେଲେ ମଧ୍ୟ ଏଭଳି ଏକ ଅତ୍ୟାଧୁନିକ ଜ୍ଞାନକୌଶଳ, ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଆଙ୍ଗୁଠି ଆଗରେ ଗୁରୁତ୍ୱପୂର୍ଣ୍ଣ ସୂଚନା ନିମନ୍ତେ ସଶକ୍ତ କରିଥାଏ। ଅତିରିକ୍ତ ଭାବରେ, ଏହି ମିଳିତ ସହଯୋଗ ମୁଖ୍ୟ ବିଶେଷତ୍ୱ ଗୁଡ଼ିକ ର ଉପସ୍ଥାପନ କରିଥାଏ ଯେଭଳିକି ବ୍ଲୁଟୁଥ୍ ଏବଂ ଟେଲିମାଟିକ୍ସ ସକ୍ଷମକାରୀ ଉପକରଣର ନିଜସ୍ୱ ଗଠନପ୍ରଣାଳୀ, ଯାହାକି ଏକ ନିରବଚ୍ଛିନ୍ନ ସଂଯୋଗୀକରଣକୁ ସୁନିଶ୍ଚିତ କରିଥାଏ।

## ସପ୍ପିର ଏଣ୍ଡ୍ ଅଫ୍ ସିଜନ ସେଲ

**ଭୁବନେଶ୍ୱର,୧୦।୧୨ (ମହାଭାରତ):** ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ହାଇପର ଭାଲ୍ୟୁ ପ୍ଲାଟଫର୍ମ 'ସପ୍ପି' ଏହାର ବହୁ ପ୍ରତୀକ୍ଷିତ 'ଏଣ୍ଡ୍ ଅଫ୍ ସିଜିନ୍ ସେଲ୍' ଜରିଆରେ ୨୦୨୪କୁ ଉଚ୍ଚସ୍ତରରେ ପହଂଚାଇଛି। ଡିସେମ୍ବର ୭ରୁ ଡିସେମ୍ବର ୧୫, ୨୦୨୪ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଏହି ସେଲ୍‌ରେ ଗ୍ରାହକଙ୍କ ପାଇଁ ୫୦ ଲକ୍ଷରୁ ଅଧିକ ଷ୍ଟାଇଲ୍ ୧୪୯/- ଟଙ୍କାରୁ କମ୍ ରହିଛି, ଯାହା ଟ୍ରେଣ୍ଡି, ବଜେଟ୍ ଅନୁକୂଳ ଫ୍ୟାଶନ୍ ପାଇଁ ଚୂଡ଼ାନ୍ତ ଗନ୍ତବ୍ୟସ୍ଥଳରେ ପରିଣତ ହୋଇଛି। ଗୁଣବତା ଏବଂ ବିବିଧତା ଉପରେ ଧ୍ୟାନ ଦେଇ ଏହି ସେଲ୍ ୨୦୨୪ର ସବୁଠାରୁ ବଡ଼ ଫ୍ୟାସନ ସେଲ୍ ହେବ, ଯାହା ଦ୍ୱାରା ଗ୍ରାହକମାନେ ଗୋଟିଏ ଛାତ ତଳେ ସବୁକିଛି ପାଇପାରିବେ। ବିକ୍ରେତା/ବ୍ରାଣ୍ଡଦ୍ୱାରା ପ୍ରଦାନ କରାଯାଇଥିବା ଫ୍ଲାସ୍ ଫ୍ୟାସନ୍ ଡିଲ୍, ଷ୍ଟାଇଲ୍ ଲୁଟ୍ ଆୱର ଏବଂ ମେଗା ପ୍ରାଇସ୍ କ୍ରାସ୍ ଠାରୁ ଆରମ୍ଭ କରି ଗ୍ରାହକମାନେ ନିଜ ମନପସନ୍ଦର ଅଫରର ଲାଭ ଉଠାଇପାରିବେ। ଗ୍ରାହକମାନେ ଫ୍ୟାଶନ ପୋଷାକ, କୁର୍ତି, ଏଥନିକ୍ ଡ୍ରେସ୍, ହୋମ୍ ଡେକୋର, ଜୋତା ଆଦି ଟପ୍ ପ୍ରଡକ୍ଟ ସମେତ ବିଭିନ୍ନ ବର୍ଗରୁ ଅପରାଜେୟ ମୂଲ୍ୟ ଓ ଅଫରରେ କିଣାକିଣି କରିପାରିବେ। ଏହି ସେଲ୍ ଜରିଆରେ ଗ୍ରାହକମାନେ ପ୍ରତିଦିନ ଏକ ନୂଆ ଶୈଳୀ ଆପଣେଇପାରିବେ, ଯାହା ପ୍ରକୃତରେ 'ନୟା ଲୁକ୍, ନାଇ ଡିପି, ହର ଦିନ'ର ଭାବନାକୁ ପ୍ରତିଫଳିତ କରୁଛି।

